THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ପିଲାମାନଙ୍କର ଖେଳିବା ଓ ଶିଖିବା ଭିତରେ ବିଶେଷ କିଛି ଫରକ୍ ନ ଥାଏ।
–ରମାବାଈ ରାଣାଡେ

♦ବର୍ଷ–୨ ♦ସଂଖ୍ୟା–୨୩ ♦ବରଗଡ଼ ♦୧୪–୨୦ ଅପ୍ରେଲ୍ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-2 ♦ISSUE- 23♦BARGARH ♦ 14-20 APRIL 2023 ♦RS.5/- ♦PAGE-8

ଜଗନ ସବୁଠୁ ଧନୀ, ତୃତୀୟରେ ନବୀନ

ପୃଷ୍ଠା–୩ ➔

ଭାରି ପଡ଼ିବେ ବବି

ପୃଷ୍ଠା–୫ ➔

ଆତଙ୍କ ଖେଳାଇଛି କିଡ୍‌ନୀ ରୋଗ

ପୃଷ୍ଠା–୭ ➔

ଅକ୍ଷିମୁଠି ଅନୁକୂଳର ପର୍ବ ଅକ୍ଷୟ ତୃତୀୟା

ପୃଷ୍ଠା–୮ ➔

# କାହାର ହେବ ଝାରସୁଗୁଡା




ଭୁବନେଶ୍ୱର: ଝାରସୁଗୁଡା ଉପନିର୍ବାଚନରେ କିଏ ଦେବ ଟପ୍ ଫାଇଟ। ବିଜେଡି... ବିଜେପି ନା କଂଗ୍ରେସ? ତିନି ରାଜନୈତିକ ଦଳର ପ୍ରାର୍ଥୀ ଚୂଡାନ୍ତ ପରେ ପ୍ରସ୍ତୁତ ହେଉଛି ରଣନୀତି । ବିଜେଡିରୁ ଦୀପାଳି ଦାସ, କଂଗ୍ରେସରୁ ତରୁଣ ପାଣ୍ଡେ ଓ ବିଜେପିରୁ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ ଲଢେ଼ଇ ହେବ । ନିର୍ବାଚନ ପ୍ରସ୍ତୁତି ପ୍ରଚାରରେ ଶାସକ ଦଳ ଆଗରେ ରହିଛି। ବିଜେଡିର ସୁଦୃଢ ସଂଗଠନ, ନବ ଦାସଙ୍କ ପରିବାର ପ୍ରତି ସହାନୁଭୂତି, ସହ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବଳରେ ଦୀପାଳି ବୃହତ ବିଜୟ ନେଇ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ଉପନିର୍ବାଚନ ପାଇଁ ବିଜେପି ଟଙ୍କଧର ତ୍ରିପାଠୀଙ୍କୁ ପ୍ରାର୍ଥୀ କରିବା ପରେ ମାଟି କାର୍ଡ ଖେଳିଛନ୍ତି ପ୍ରତିପକ୍ଷ। ବିଜେଡି ଓ ବିଜେପି

## ଝାରସୁଗୁଡା ଉପନିର୍ବାଚନ

ବାହାର ଜିଲ୍ଲାର ପ୍ରାର୍ଥୀ ଦେଇଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ । ସେପଟେ ନିର୍ବାଚନ ଯେତିକି ପାଖେଇ ଆସୁଛି ଝାରସୁଗୁଡ଼ାରେ ପଲିଟିକାଲ୍ ପାରା ସେତିକି ଚଢୁଛି ।

ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି କେନ୍ଦ୍ର ସରକାର ଲୋକଙ୍କୁ ହଇରାଣ କରୁଛନ୍ତି । ବିଜେଡି ସରକାର ଲୋକଙ୍କ ପାଇଁ କାମ କରିଛି। ତେଣୁ ଆମ ପ୍ରାର୍ଥୀ ଝାରସୁଗୁଡାରେ ଏକ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହେବେ । ସ୍ୱର୍ଗତ ନବ ଦାସଙ୍କ ଝିଅ ଦିପାଳୀ ଦାସ ୮ରୁ ୧୦ବର୍ଷ ଧରି ନିର୍ବାଚନ ମଣ୍ଡଳୀ ସହିତ ଜଡିତ । ବାପାଙ୍କ ସହିତ ଝିଅ ଦୀପାଳୀ ଦାସ ନିର୍ବାଚନ ପରିଚାଳନାରେ ସାମିଲ ଥିଲେ । ସଂଗଠନରେ ରହିବା ସହିତ ଲୋକଙ୍କ ଅଭାବ ଅସୁବିଧା ବେଳେ ଛିଡା

➔ପୃଷ୍ଠା–୭

## ସମ୍ପାଦକୀୟ

ସାମ୍ବିଧାନିକ ନୀରବତା

# ଜଳୁଛି ଓଡ଼ିଶା

ଭୁବନେଶ୍ୱର: ପ୍ରଚଣ୍ଡ ଖରା ଯୋଗୁଁ ତତଲା ତାୱା ପାଲଟିଛି ସାରା ଓଡ଼ିଶା । ପାରଦ ଦିନକୁ ଦିନ ଉପରମୁହାଁ ହେବାରେ ଲାଗିଛି । ଦିନ ୯ଟା ପରଠୁ ଅପରାହ୍ଣ ପ୍ରାୟ ୪ଟା ଯାଏଁ ଅଗ୍ନିବର୍ଷା କାରଣରୁ ଆଉଟୁପାଉଟୁ ହୋଇଛନ୍ତି ଲୋକେ । ବୁଧବାର ଝାରସୁଗୁଡ଼ା ଓ ଗୁରୁବାର ବାରିପଦା ସର୍ବାଧିକ ତାପମାତ୍ରାରେ ରେକର୍ଡ କରିଛି । ଉଭୟ ସହରରେ ଯଥାକ୍ରମେ ତାପମାତ୍ରା ୪୨ ଓ ୪୩ ଡିଗ୍ରୀ ଅତିକ୍ରମ କରିଛି । ରାଜ୍ୟର ୨୫ଟି ସ୍ଥାନରେ ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଅତିକ୍ରମ କରିଛି। ଏ ସ୍ଥିତି ଆହୁରି ଦୁଇ ଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏପଟେ ସ୍ଥିତି ସମୀକ୍ଷା କରି ମୁକାବିଲା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



## ଅସହ୍ୟ ଗରମରେ ଛଟପଟ ଜନଜୀବନ

ଦେଇଛି ରାଜସ୍ୱ ବିଭାଗ । ସେପଟେ ଅସହ୍ୟ ତାତି ଭିତରେ ଉପକୂଳରୁ ଉପାନ୍ତ ଯାଏଁ ଲୋକଙ୍କ ଉପରେ ଜଳକଷ୍ଟ ବି ଦାଉ ସାଧୁଛି ।

ମଣ୍ଡ ଫଟା ଖରାକୁ ଦେଖି କାହା ମୁଣ୍ଡରେ ଓଦା କପଡା ତ କାହା ମୁଣ୍ଡରେ ଛତା । କଳା ଚଷମା ଓ ରୁମାଲଟିଏ ନବାନ୍ଧିଲେ ଖରାରେ ମୁହଁ କାଢିବା ମୁସ୍କିଲ। ଡହଡହ ଖରାରେ କାନ ମୁଣ୍ଡ ଝାଇଁ ମାରିଯାଉଛି। ଝାରସୁଗୁଡାରେ ଦିନ ୧୦ ଟା ନହେଉଣୁ କଲବଲ କରିଛି ତାତି । ଆଉ ୨ଟା ବେଳକୁ ପାରଦ ୪୨ ଡିଗ୍ରୀ ପାର୍ । ଝାରସୁଗୁଡା ଭଳି ସମ୍ବଲପୁରରେ ବି ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି । ଅସହ୍ୟ ଗରମରେ ଛଟପଟ ଲୋକେ ଘରୁ ପାଦ କାଢିବାକୁ ଡରିଲେଣି । ତତଲାଗଡ ଟିଟିଲାଗଡରେ ସକାଳ ୧୦ଟାରୁ ରାସ୍ତାଘାଟ ଶୂନଶାନ। ଗୁଳୁଗୁଳି ସାଙ୍ଗକୁ ଝାଞ୍ଜିପବନ ବସେଇ ଉଠେଇ ଦେଉନି । ବାରିପଦାରେ ବି ମୁଣ୍ଡଫଟା ଖରା। ହଠାତ୍ ତାପମାତ୍ରାରେ ବୃଦ୍ଧି ଜନଜୀବନକୁ

➔ପୃଷ୍ଠା–୭

# ରାଜ୍ୟ ସରକାରଙ୍କୁ ବେଦାନ୍ତ ଝଟ୍‌କା

ଭୁବନେଶ୍ୱର: ପୁରୀରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ଲାଗି କରାଯାଇଥିବା ଜମି ଅଧିଗ୍ରହଣ ଅବୈଧ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେବାପରେ ଉଭୟ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସ୍‌ନକୁ ବଡ଼ ଝଟ୍‌କା ଲାଗିଛି । ବେଦାନ୍ତ ପାଇଁ ସରକାର କିଭଳି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି, ପରିବେଶ ଠାରୁ ଆରମ୍ଭ କରି ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି, ସର୍ବୋପରି ରାଜ୍ୟ ଏବଂ ମହାପ୍ରଭୁଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିବାକୁ ବି ପଛାଇ ନାହାନ୍ତି, ତାହା କୋର୍ଟଙ୍କ ରାୟ ପରେ ସ୍ପଷ୍ଟ ହୋଇଛି । ସୁପ୍ରିମ୍‌କୋର୍ଟଙ୍କ ଏଭଳି କଡ଼ା ଭର୍ତ୍ସନା ପରେ ସରକାରଙ୍କ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ଏହି ପ୍ରସଙ୍ଗକୁ ନେଇ ଗୋଟିଏ ପଟେ ରାଜନୈତିକ ମହଲରେ ବୟାନ ବାଜି ଜୋର ଧରିଥିବା ବେଳେ ସମୁଦାୟ ଘଟଣାରେ ଦୋଷୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ବିଭିନ୍ନ ମହଲରେ ସଜବାଜ ଆରମ୍ଭ ହେଲାଣି ।

ବୁଧବାର ବହୁ ପ୍ରତୀକ୍ଷିତ ବେଦାନ୍ତ ମାମଲାର ରାୟ ଶୁଣାଇ ବେଦାନ୍ତ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ସୁପ୍ରିମକୋର୍ଟ । ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ପ୍ରକ୍ରିୟା ବେଆଇନ ଓ ଚାଷୀଙ୍କୁ ଜମି ଫେରାଇବା ପାଇଁ ହାଇକୋର୍ଟ ୨୦୧୦ରେ ଯେଉଁ ରାୟ ଦେଇଥିଲେ ସର୍ବୋଚ୍ଚ କୋର୍ଟ ତାକୁ କାଏମ ରଖିବା ସହ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା କରିଥିଲେ । ବେଦାନ୍ତକୁ ସମସ୍ତ କର ଛାଡ ସହ ମାଗଣା ପାଣି ଆଉ

## ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ବିଜୁଳି ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ମଧ୍ୟ ଭର୍ତ୍ସନା କରିଛନ୍ତି କୋର୍ଟ । ବେଦାନ୍ତକୁ ରାଜ୍ୟ ସରକାର ଦେଖାଇଥିବା ଏଭଳି ଅହେତୁକ ଅନୁକମ୍ପା ଗ୍ରହଣ ଯୋଗ୍ୟ ନୁହେଁ । ଏହା ଭାରତୀୟ ସମ୍ବିଧାନର ଧାରା ୧୪ର ଉଲ୍ଲଘଂନ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ପ୍ରସ୍ତାବିତ ଜମିରେ ଦୁଇଟି ନଦୀ ଏବଂ ପ୍ରାୟ ପାଞ୍ଚ ଶହ ଏକର ଗୋଚର ଜମି ଯାହା ଉପରେ ସର୍ବ ସାଧାରଣଙ୍କର ଅଧିକାର ରହିଥିବା ବେଳେ, ସରକାର କେମିତି ତାକୁ ବେଦାନ୍ତକୁ ଦେବା ପାଇଁ ଚିନ୍ତା କଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କୋର୍ଟ । ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରସ୍ତାବିତ ଜମିକୁ ଲାଗି ଏକ ବନ୍ୟାପ୍ରାଣୀ ଅଭୟାରଣ୍ୟ ରହିଥିବା ସତ୍ତ୍ୱେ ସରକାର ସେ ଦିଗରେ କେମିତି ଚିନ୍ତା କଲେ ନାହିଁ ବୋଲି ମଧ୍ୟ ପଚାରିଥିଲେ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଅଧିଗ୍ରହଣ ହୋଇଥିବା ଜମି ଯଥାଶୀଘ୍ର ସରକାର ଚାଷୀମାନଙ୍କୁ ଫେରାଇବାକୁ ଦାବି କରିଛନ୍ତି ଆବେଦନକାରୀ । ପୁରୀରେ ଅତ୍ୟାଧୁନିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବେଦାନ୍ତ ସହ ୨୦୦୬ରେ ଏମ୍‌ଓୟୁ କରିଥିଲେ ରାଜ୍ୟ ସରକାର । ଏଥିପାଇଁ ପ୍ରାୟ ୧୦ ହଜାର ଏକର ଜମି ଅଧିଗ୍ରହଣ କରିଥିଲେ । ଯାହାକୁ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଜମି ହରାଇଥିବା ଚାଷୀ ।

➔ପୃଷ୍ଠା–୭

THE AADHAR ODISHA
# ଆଧାର ଓଡ଼ିଶା
୧୪-୨୦ ଅପ୍ରେଲ୍ ୨୦୨୩



## ସାମ୍ବିଧାନିକ ନୀରବତା

ଭାରତବର୍ଷରେ ସଙ୍ଘ ସରକାର ଚଳାଉଥିବା ଦଳ ଓ ଏହାର ପ୍ରତିପକ୍ଷ ଶାସନାଧୀନ ରାଜ୍ୟରେ ପ୍ରାନ୍ତପ୍ରମୁଖ ରାଜ୍ୟପାଳ ଏବଂ ଶାସନ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଟଣାଓଟରା ରହିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି। ସବୁବେଳେ ଅବଶ୍ୟ ଏହା ପଦାକୁ ଫୁଟି ନ ଥାଏ। ଅବଶ୍ୟ ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଦୁଇ ଦଶନ୍ଧି ଧରି ବିଶେଷତଃ ରାଜ୍ୟପାଳମାନେ ଆଳଙ୍କାରିକ ମୁଖ୍ୟ ଭୂମିକା ତୁଲାଉଥିଲେ। ସ୍ୱାଧୀନୋତ୍ତର ଭାରତବର୍ଷର ରାଜନୈତିକ ଇତିହାସକୁ ଦେଖିଲେ ସ୍ପଷ୍ଟ ଜଣାପଡେ ଯେ, ଉକ୍ତ ଦୁଇ ଦଶନ୍ଧିର ଅବଧି ମଧ୍ୟରେ ବୋଧହୁଏ କେରଳକୁ ବାଦ ଦେଲେ ଅନ୍ୟ କୌଣସି ରାଜ୍ୟରେ ରାଜ୍ୟପାଳ ଓ ନିର୍ବାଚିତ ସରକାର ମଧ୍ୟରେ ବିଶେଷ କିଛି ମତଭେଦ ପଦାକୁ ଆସି ନ ଥିଲା। ରାଜନୈତିକ ଇତିହାସକାରମାନେ ଏହାର ଦୁଇଟି କାରଣ ଦର୍ଶାଇଥାନ୍ତି। ପ୍ରଥମଟି ହେଲା ସଙ୍ଘ ଓ ପ୍ରାନ୍ତ ସବୁଠି କଂଗ୍ରେସ ଦଳ ହିଁ ସରକାରରେ ରହୁଥିଲା। ଦ୍ୱିତୀୟଟି ହେଲା ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଜଣେ ଅଟଳ ଗଣତନ୍ତ୍ରବାଦୀ ଥିଲେ। ଅବଶ୍ୟ ଦ୍ୱିତୀୟ କାରଣଟି ପୂରା ଠିକ୍ ବୋଲି କୁହାଯାଇ ନ ପାରେ। କାରଣ ନେହରୁଙ୍କ ପ୍ରଧାନମନ୍ତ୍ରିତ୍ୱ ବେଳେ ହିଁ କେରଳରେ କମ୍ୟୁନିଷ୍ଟ ଦଳର ସରକାରକୁ ବହିଷ୍କାର କରି ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେରଳରେ କମ୍ୟୁନିଷ୍ଟମାନେ କେବଳ ଭାରତବର୍ଷରେ କାହିଁକି ସମଗ୍ର ବିଶ୍ୱରେ ପ୍ରଥମ ଥର ଲାଗି ନିର୍ବାଚିତ ସରକାର ଗଠନ କରିଥିଲେ। କିନ୍ତୁ ସାମଗ୍ରିକ ଭାବେ ଦେଖିବାକୁ ଗଲେ ସବୁରାଜ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସମାନ ତାଳରେ ରହୁଥିଲେ।

ମାତ୍ର ୧୯୬୭ ମସିହାର ସାଧାରଣ ନିର୍ବାଚନ ପରେ ଚିତ୍ର ବଦଳିଗଲା। ତିନି ବର୍ଷ ପୂର୍ବରୁ ଜବାହାରଲାଲ ନେହରୁଙ୍କ ଦେହାନ୍ତ ଘଟିସାରିଥିଲା। ଗଣତନ୍ତ୍ର ଅପେକ୍ଷା ବ୍ୟକ୍ତିତନ୍ତ୍ର ପ୍ରତି ଅଧିକ ରୁଚି ରଖୁଥିବା ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ହୋଇ ସାରିଥିଲେ। ତେଣେ ଅନେକ ରାଜ୍ୟରେ କଂଗ୍ରେସର ପତିଆରା କ୍ଷୁର୍ଣ୍ଣ ହୋଇ ସାରିଥିଲା। କେତେକ ରାଜ୍ୟରେ ଅଣକଂଗ୍ରେସ ଦଳ କିମ୍ବା ମେଣ୍ଟ ହାତକୁ ଶାସନ ଆସିଥିଲା। ଏଇଠୁ ଆରମ୍ଭ ହେଲା ରାଜ୍ୟପାଳଙ୍କ ନୂଆ ଭୂମିକା। ସଙ୍ଘ ସରକାରରେ ଥିବା ଦଳର ଦଳପାଳ ଭାବେ କାର୍ଯ୍ୟ କରିବାକୁ ଆରମ୍ଭ କଲେ ରାଜ୍ୟପାଳମାନେ। ବିରୋଧୀଦଳ ଶାସିତ ରାଜ୍ୟର କାର୍ଯ୍ୟରେ କେଁ ପୂରାଇବା ଆରମ୍ଭ ହେଲା। ବିରୋଧୀଦଳର ରାଜ୍ୟ ସରକାରକୁ ଭାଙ୍ଗି ରାଷ୍ଟ୍ରପତି ଶାସନ ଜାରି କରିବା ଘଟଣା ବାରମ୍ବାର ଦେଖିବାକୁ ମିଳିଲା। ଆଗରୁ ଟିକେ ସଙ୍କୋଚବୋଧ ରହୁଥିଲା, ତାହା ବି ଧୀରେ ଧୀରେ ହଟିବାକୁ ଲାଗିଲା। ଖୁଲମଖୁଲା ଅନେକ ରାଜଭବନ ପ୍ରତିପକ୍ଷ ଦଳର ପ୍ରାନ୍ତ ସରକାରର ପେଣ୍ଠ ପାଲଟିଲା। ଇନ୍ଦିରା ଗାନ୍ଧି ପକାଇଥିବା ମଞ୍ଜିର ଗଛ ଏବେ ପୂର୍ଣ୍ଣ ପ୍ରସ୍ଫୁଟିତ।

ଏଠାରେ ଏତେ ସବୁ ଇତିହାସ ବଖାଣିବାର ପ୍ରୟୋଜନ ଉପୁଜିଲା ନିକଟରେ ତାମିଲନାଡୁ ବିଧାନସଭାରେ ସେହି ରାଜ୍ୟର ରାଜ୍ୟପାଳଙ୍କ ଭୂମିକାକୁ ନେଇ ହୋଇଥିବା ଆଲୋଚନା ଓ ନିର୍ଦ୍ଧାରଣକୁ ନେଇ। ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ଡିଏମ୍‌କେ ସରକାରଙ୍କ ଦ୍ୱାରା ଅନେକ ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ପକାଇ ରଖିଥିବାରୁ ଏହାର ପ୍ରତିବାଦର ସ୍ୱର ବିଧାନସଭାରେ ଉଠିଲା। ପୂର୍ବରୁ ଯଦିଓ ଅନେକ ସମୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ତୀବ୍ର ବିବାଦ ଦେଖିବାକୁ ମିଳିଛି, କିନ୍ତୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିଧାନସଭାରେ ଆଲୋଚନାର ଉଦାହରଣ କ୍ୱଚିତ। ଷ୍ଟାଲିନ ସରକାରଙ୍କ କହିବା କଥା ଯେ ନିର୍ବାଚନରେ ସେମାନେ ଭୋଟରଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଜିଣିଛନ୍ତି, ସେଗୁଡିକୁ କାର୍ଯ୍ୟକାରୀ କରାଇବା ଲାଗି ନୂଆ ବିଲ୍ ଗୃହିତ ହୋଉଛି। ରାଜ୍ୟପାଳ ମଞ୍ଜୁରୀ ନ ଦେବା ହେତୁ ବିଲ୍‌ଗୁଡିକ ଆଇନରେ ପରିଣତ ହୋଇପାରୁ ନାହିଁ। ଭୋଟରଙ୍କ ଦୃଷ୍ଟିରେ ଶାସକ ଦଳକୁ ପ୍ରତିଶ୍ରୁତିଖିଲାପକାରୀ ସାବ୍ୟସ୍ତ କରିବାକୁ ରାଜ୍ୟପାଳଙ୍କ କାର୍ଯ୍ୟ ଉଦ୍ଦିଷ୍ଟ ବୋଲି ଡିଏମକେ ଦଳ ମତ ରଖୁଛି।

ସେହିପରି ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓଙ୍କ ସରକାର ସେଠାକାର ରାଜ୍ୟପାଳଙ୍କ ବିଲ୍ ପକାଇ ରଖିବା କାର୍ଯ୍ୟକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ଯେଉଁଦିନ ଏହି ମାମଲାର ଶୁଣାଣି ହେବାକୁ ଥିଲା, ସେହିଦିନ ସକାଳୁ ସକାଳୁ ତେଲେଙ୍ଗାନାର ରାଜ୍ୟପାଳ ମହୋଦୟା ତିନୋଟି ବିଲ୍‌ରେ ସନ୍ତକ ପକାଇ ଦେଲେ। ଚନ୍ଦ୍ରଶେଖର ରାଓଙ୍କ ବିଆରଏସ (ଭାରତୀୟ ରାଷ୍ଟ୍ରୀୟ ସମିତି) ଦଳର କହିବା କଥା ଯେ, ସ୍ୱୀକୃତୀ ଅପେକ୍ଷାରେ ପଡି ରହିଥିବା ପ୍ରାୟ ୧୦ ବିଲ୍ ମଧ୍ୟରୁ ଯେଉଁ ତିନୋଟି ବିଲ୍‌କୁ ମଞ୍ଜୁରୀ ମିଳିଲା, ସେଗୁଡିକ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ। କେବଳ ସୁପ୍ରିମକୋର୍ଟଙ୍କ ସାମ୍ନାରେ ସବୁକିଛି ଠିକ୍ ଚାଲିଛି ବୋଲି ଦର୍ଶାଇବା ଲାଗି ସେହି ବିଲ୍ ତିନୋଟିକୁ ମଞ୍ଜୁରୀ ଦିଆଯାଇଛି।

ସାମ୍ବିଧାନିକ ଦୃଷ୍ଟିରୁ ବିଚାର କଲେ ଯଦି ଭାରତବର୍ଷରେ ସବୁଠାରୁ ଶକ୍ତିଶାଳୀ ପଦବୀ କେଉଁଠି ରହିଛି ତାହା ହେଉଛି ରାଜ୍ୟପାଳଙ୍କର। ଏପରି କି ରାଷ୍ଟ୍ରପତିଙ୍କୁ ବି ସେହି କ୍ଷମତା ଦିଆଯାଇ ନାହିଁ ଯାହା କି ରାଜ୍ୟପାଳଙ୍କୁ ଦିଆଯାଇଛି। କେବଳ ସଂଘୀୟ ମନ୍ତ୍ରିମଣ୍ଡଳର ପରାମର୍ଶରେ ରାଷ୍ଟ୍ରପତି କାର୍ଯ୍ୟ କରିବେ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଅପର ପଟେ ରାଜ୍ୟପାଳଙ୍କୁ ରାଜ୍ୟ ସରକାରକୁ ଭାଙ୍ଗି ପରାମର୍ଶଦାତା ନିଯୁକ୍ତି ଦେଇ ସରକାର ଚଳାଇବାର କ୍ଷମତା ଦିଆଯାଇଛି। ଦ୍ୱିତୀୟତଃ ରାଜ୍ୟପାଳଙ୍କର କ୍ଷମତା ଓ ଭୂମିକାର ପରିସର ଓ ରୂପରେଖ ନିର୍ଦ୍ଦିଷ୍ଟ ଭାବେ ଚିତ୍ରଣ କରାଯାଇ ନାହିଁ। ଉଦାହରଣ ଭାବେ ରାଜ୍ୟ ବିଧାନସଭାରେ ଗୃହିତ ବିଲ୍‌କୁ ମଞ୍ଜୁରୀ ନ ଦେଇ କିମ୍ବା ପ୍ରତ୍ୟାଖ୍ୟାତ ନ କରି ପକାଇ ରଖିବା ଘଟଣାକୁ ନିଆଯାଇପାରେ। ଏଇ ପୃଷ୍ଠଭୂମିରେ ଚିନ୍ତା କଲେ ରାଜ୍ୟପାଳଙ୍କ ଭୂମିକା, ଅଧିକାର ଓ ଦାୟିତ୍ୱର ଏକ ସ୍ପଷ୍ଟ ରୂପରେଖ ସ୍ଥିର କରିବାର ସମୟ ଉପନୀତ ହୋଇଛି। ଏହା ହିଁ ଏକମାତ୍ର ବାଟ ଯାହାଦ୍ୱାରା ସାମ୍ବିଧାନିକ ନୀରବତାକୁ ଦୁରୁପଯୋଗ କରିବାର ସୁଯୋଗ ସଙ୍କୁଚିତ ହେବ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
**ଇମେଲ୍- aadharodisha8@gmail.com**
**ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,**
**ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା**

# କିଏ କହେ, ମହିଳାମାନେ ନେତୃତ୍ୱ ନେବାରେ ଅସମର୍ଥ ବୋଲି ?

ଇନ୍‌ସା ୱାରେସୀ

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ମଧ୍ୟ ଦଶନ୍ଧି ପର୍ଯ୍ୟନ୍ତ, ସମାଜରେ ମହିଳା ଓ ପୁରୁଷମାନଙ୍କ ଭୂମିକା ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ଅଛି ବୋଲି ଧରି ନିଆଯାଉଥିଲା କିନ୍ତୁ କେତେକ ମହିଳାମାନେ ସେମାନଙ୍କ ଅଧ୍ୟବସାୟ ବଳରେ ପୁରୁଷମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଥିବା ପଥକୁ ମଧ୍ୟ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ସଂଘର୍ଷ, ଅଧ୍ୟବସାୟ, ଯୋଗ୍ୟତା ଓ ସଶକ୍ତିକରଣ ପାଇଁ ପ୍ରବଳ ଇଚ୍ଛା ବଳରେ ଡ. ହାସିମା ହସନ୍, ଶବାନା ଆଜମୀ ଓ ହାଲିମା ୟାକୁବ୍ ଭଳି ମୁସଲିମ୍ ମହିଳା ମାନେ ସଦ୍ୟ ପ୍ରକାଶିତ, ବିଶ୍ୱର ୫୦୦ ଜଣ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଳିକାରେ ନିଜକୁ ସମ୍ମିଳିତ କରିବାରେ ସକ୍ଷମ ହୋଇଛନ୍ତି। ଡ. ହାସିମା ହସନ ଜଣେ ଭାରତୀୟ ବଂଶୋଦ୍‌ଭବ ବୈଜ୍ଞାନିକ ଅଟନ୍ତି, ଯିଏ ନାଶାର ଜେମସ୍ ୱେବ୍ ମହାକାଶ ଦୂରବିକ୍ଷଣ ଯନ୍ତ୍ରର ଉତ୍‌କ୍ଷେପଣ ସମୟରେ ର୍ନିଣାୟକ ଭୂମିକା ଗ୍ରହଣ କରିଥିଲେ । ତାଙ୍କୁ ଯେତେସବୁ ଅବସର ମିଳିଥିଲା, ସେଗୁଡିକର ସଦ୍ ଉପଯୋଗ କରି, ସେ ବର୍ତ୍ତମାନ ଏହି ସ୍ଥାନକୁ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ମେଧାବୃତ୍ତି ହାସଲ କରି ସେ ୧୯୭୬ ମସିହାରେ ନ୍ୟୁକ୍ଲିୟର



ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି ହାସଲ କରି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ଅନୁସନ୍ଧାନ କାର୍ଯ୍ୟରେ ନିୟୋଜିତ ଥିଲେ । କିନ୍ତୁ ବିବାହ ପରବର୍ତ୍ତୀ ସମୟରେ ସେ ଆମେରିକାକୁ ଚାଲିଆସିଥିଲେ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ସେ ନିଜକୁ ସେହି ହିସବାରେ ପରିବର୍ତ୍ତନ କରିଥିଲେ । ସେ ନିଜକୁ ଅନୁସନ୍ଧାନର ବିଷୟ ନ୍ୟୁକ୍ଲିୟର ପଦାର୍ଥ ବିଜ୍ଞାନରୁ ବତାବରଣ ବିଜ୍ଞାନ ଓ ଖଗୋଳ ଭୌତିକ ବିଜ୍ଞାନକୁ ପରିବର୍ତ୍ତନ କରିଥିଲେ । ୧୯୮୫ ମସିହାରେ ବଲ୍‌ଟିମୋର ମ୍ୟାରିଲେଣ୍ଡ ସ୍ଥିତ Space Telescope Science Institute ରେ ଯୋଗଦାନ କରିଥିଲେ ଓ ଏହା ଫଳରେ ନାସା ସହିତ ତାଙ୍କ ସମ୍ପର୍କର ଆରମ୍ଭ ହୋଇଥିଲା । ସେତେବେଳେ ତାଙ୍କର ଦୁଇଟି ଶିଶୁ ଥିଲେ, ଯାହା ଫଳରେ ଗୃହ କାର୍ଯ୍ୟ ଓ କର୍ମକ୍ଷେତ୍ର ମଧ୍ୟରେ ଏକପ୍ରକାର ସନ୍ତୁଳନ ରଖିବାକୁ ପଡୁଥିଲା । କର୍ମକ୍ଷେତ୍ରରେ ବ୍ୟସ୍ତତା ସତ୍ତ୍ୱେ ସେ ତାଙ୍କର ଦୁଇ ସନ୍ତାନଙ୍କୁ ଆଇନଜୀବୀ ଓ ଇଞ୍ଜିନିୟର ଭାବରେ ଗଢ଼ିବାକୁ ସକ୍ଷମ ହୋଇଥିଲେ ।

ସେହିପରି ଶବାନା ଆଜ୍‌ମି ଜଣେ ଅସାଧାରଣ ଅଭିନେତ୍ରୀ ଅଟନ୍ତି ଓ ବସ୍ତି ବାସିନ୍ଦା, ବିସ୍ଥାପିତ, କାଶ୍ମିର ପଣ୍ଡିତ ଓ ଲାଟୁର୍ ମହାରାଷ୍ଟ୍ରର ଭୂମିକମ୍ପ ପୀଡ଼ିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି । ସେ ୫ଥର ଜାତୀୟ ପୁରସ୍କାର ବିଜେତା ହେବା ସହିତ, ଜଣେ କଳାକାର, ଲେଖିକା ଓ ସାମାଜିକ କର୍ମୀ ଭାବରେ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି । ସେହିପରି ହାଲିମା ୟାକୁବ୍ ସଙ୍ଗାପୁରର ଅଷ୍ଟମ ଓ ପ୍ରଥମ ମୁସଲିମ ମହିଳା ରାଷ୍ଟପତି ଭାବରେ ୨୦୦୭ ମସିହାରେ ନିର୍ବାଚିତ ହୋଇଥିଲେ । ହାଲିମା ୟୁକୁବ୍‌ଙ୍କ ପୃଷ୍ଠଭୂମି ଅତ୍ୟନ୍ତ ସାଧାରଣ। ତାଙ୍କୁ ଯେତେବେଳେ କେବଳ ଆଠ ବର୍ଷ ହେଇଥିଲା, ସେତେବେଳେ ତାଙ୍କର ପିତା ଯିଏ ଭାରତୀୟ ବଂଶୋଦ୍‌ଭବ ଥିଲେ, ତାଙ୍କର ଦେହାନ୍ତ ହୋଇଥିଲା ଓ ସେବେଠାରୁ ତାଙ୍କର ମାତା ଯିଏ ମାଳୟ ମୂଳର ଥିଲେ ତାଙ୍କର ଲାଳନ ପାଳନ କରିଥିଲେ । ସେ ତାଙ୍କ ଶିକ୍ଷାକାଳରେ କୃତତ୍ୱ ହାସଲ କରି ସିଙ୍ଗାପୁର ରାଷ୍ଟ୍ରୀୟ ବିଶ୍‌ବିଦ୍ୟାଳୟରୁ ଆଇନ ସ୍ନାତକ ହୋଇଥିଲେ । ଏହି ମହିଳାମାନଙ୍କ ସଫଳତା ପ୍ରମାଣ କରେ ସେ ବିଂଶ ଶତାବ୍ଦୀର ଅନ୍ତିମ ବେଳକୁ ଚିରାଚରିତ ଚିନ୍ତାଧାରାରେ ପରିବର୍ତ୍ତନ ଘଟିଥିଲା । ସ୍ୱଳ୍ପ ସାଧନକୁ ବିନିଯୋଗ କରି ସେମାନେ ନିଜର ଅଧ୍ୟବସାୟ କମରେ ନିଜର ଲକ୍ଷ୍ୟ ହାସଲ କରିଥିଲେ । ସେମାନେ ସମୟାନୁକ୍ରମେ ଅନ୍ୟ ମୁସ୍‌ଲିମ୍ ଯୁବ ମହିଳା ଯେପରି ସନିଆ ମିରଜା ( ପ୍ରଥମ ଭାରତୀୟ ମୁସଲିମ୍ ମହିଳା ଯୁଦ୍ଧବିମାନ ଚାଳକ) ଇତ୍ୟାଦିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । ଜଣେ ଜ୍ଞାନୀ ଲୋକ ଥରେ କହିଥିଲେ ଗୋଟିଏ ଦେଶର ଶକ୍ତି ସେଠାରେ ଥିବା ଦୁର୍ବଳ ଓ ନପ୍ପେଷିତ ଶ୍ରେଣୀର ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭରକରେ । ଶବାନା ଆଜମୀ ଓ ହସିମା ହସନଙ୍କ ଭଳି ମହିଳା ମାନଙ୍କ ଠାରୁ ପ୍ରେରଣା ନେଇ, ସଂଖ୍ୟାଲଘୁ ସମୁଦାୟର ମହିଳା ମାନ ପିତୃକେନ୍ଦ୍ରୀକ ଚିନ୍ତାଧାରାକୁ ଅତିକ୍ରମ କରି ନିଜ ପ୍ରଚେଷ୍ଟାରେ ସଫଳ ହେଉଛନ୍ତି ।

# ମାନବିକତା ସମସ୍ତ ଧର୍ମର ଉର୍ଦ୍ଧ୍ୱରେ

ଅଲତାଫ୍ ମିର୍

ତୁର୍କୀରେ ହୋଇଥିବା ଭୟଙ୍କର ଭୂମିକମ୍ପର କିଛି ଘଣ୍ଟା ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ଏକ ସମବେଦନତାପୂର୍ଣ୍ଣ ବାର୍ତ୍ତା ଟ୍ୱିଟର ମାଧ୍ୟମରେ ପ୍ରସାରିତ କରିଥିଲେ ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ତୁର୍କୀରେ ଭୂମିକମ୍ପ ଦ୍ୱାରା ଧନ ଜୀବନର କ୍ଷୟକ୍ଷତି ପାଇଁ ଗଭୀର ଭାବରେ ମର୍ମାହତ । ପୀଡ଼ିତ ପରିବାରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି। ଆହତମାନଙ୍କୁ ଆଶୁ ଆରୋଗ୍ୟ କାମନା । ତୁର୍କୀର ଏହି କଠିନ ସମୟରେ ଭାରତ ସାଥିରେ ରହି ସମସ୍ତ ପ୍ରକାର ସହାୟତା ପାଇଁ ପ୍ରତିଶ୍ରୁତି ବଦ୍ଧ । ସିରିଆର କେତେକ ସହରର ହୋଇଥିବା ଭୂମିକମ୍ପର ଭୟାବହତାକୁ ଦେଖି ସେ ଅନୁରୂପ ଟ୍ୱିଟର ବାର୍ତ୍ତା ଲେଖିଥିଲେ । ଭାରତ ପକ୍ଷରୁ ତୁର୍କୀକୁ ସହାୟତା ପ୍ରଦାନ କରାଯିବା ମହତ୍ୱପୂର୍ଣ୍ଣ ଅଟେ, କାରଣ ଗତକିଛି ବର୍ଷ ମଧ୍ୟରେ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଅନେକ ପ୍ରକାର ପରୀକ୍ଷାର ସମ୍ମୁଖୀନ ହୋଇଥିଲାଛ ତେଣୁ ଏହିପରି ବିପର୍ଯ୍ୟୟ ସମୟରେ ସହାୟତାର ହାତ ବାଇ, ଭାରତ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା ଯେ ଭାରତ କୌଣସି ର୍ନିଦ୍ଦିଷ୍ଟ ଧର୍ମକୁ ପ୍ରୋତ୍ସାହିତ କରେନାହିଁ । ଓ ମାନବୀୟ ସମସ୍ୟାର ସମାଧାନ କରିବା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ଅଟେ । ଭାରତର ଏନ୍‌ଡିଆରଏଫ୍‌ର ଦୁଇଟି ଦଳ ସହିତ ସ୍ୱାସ୍ଥକର୍ମୀଙ୍କ ଦଳ ଓ ଅନେକ ରିଲିଫ୍ ସାମଗ୍ରୀ ତୁରନ୍ତ ତୁର୍କୀ ଓ ସିରିଆକୁ ପଠାଯାଇଥିଲା ।

ଭୂମିକମ୍ପର ପରବର୍ତ୍ତୀ ସମୟରେ ତୁର୍କୀ ଓ ସିରିଆ ଭଳି ମୁସଲିମ୍ ବହୁଳ ଦେଶକୁ ସହାୟତା ପଠାଇ ଭାରତ ପୁଣିଥରେ ଏହା ପ୍ରତିପାଦିତ କରିଛି ଯେ ଧର୍ମ ନିର୍ବିଶେଷରେ ମାନବତାର ସହାୟତା ପାଇଁ ଭାରତ ସର୍ବଦା ପ୍ରତିଶ୍ରୁତିବଦ୍ଧ ଓ ବୈଶ୍ୱିକ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି । ଆବଶ୍ୟକତା ସମୟରେ ସହାୟତାର ହାତ ବଢ଼ାଇବା ଭରତୀୟ ସଂସ୍କୃତିର ଏକ ପରମ୍ପରା ଅଟେ । ତୁର୍କୀ ଓ ସିରିଆକୁ ସହାୟତା ଦେବା ଭାରତୀୟ ସମ୍ବିଧାନରେ ଉଲ୍ଲେଖିତ ହୋଇଥିବା ସର୍ବହିତବାଦ ଓ ମାନବିକ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରିବା ଅନ୍ତର୍ଗତ ଅଟେ । କେତେକ ଘଟଣାକୁ ଉଲ୍ଲେଖ କରାଯାଇ ଗତ କିଛିବର୍ଷ ହେଲା, ଏହା ଚିତ୍ରିତ କରାଯିବାକୁ ଚେଷ୍ଟା କରାଯାଉଥିଲା ଯେ, ଭାରତୀୟ ପ୍ରଶାସନ ମୁସଲିମ ବିରୋଧି ଅଟେ । କିନ୍ତୁ ସମସ୍ତ ପ୍ରକାର ଅଭିଯୋଗକୁ ଭୁଲ ପ୍ରମାଣିତ କରି, ଭାରତ ପୁଣିଥରେ ଏହା ସାବ୍ୟସ୍ତ କରିବାରେ ସଫଳ ହୋଇପାରିଛି ଯେ, ସମ୍ବିଧାନ ବାଦ, ଏକତା, ମୁଣିଷର ମଯ୍ୟାଦା ଏବଂ ସଦ୍‌ଭାବନା ଭାରତର ମାର୍ଗଦର୍ଶିକା ଅଟେ। ବର୍ତ୍ତମାନ ସମୟରେ ମୁସଲିମ୍ ଦେଶମାନଙ୍କ ସହିତ ଭାରତର ସମ୍ବନ୍ଧ ଆହୁରି ଦୃଢ଼ିଭୂତ ହୋଇଛି, ଯାହା ମୁସଲମାନଙ୍କ ପ୍ରତି ଭାରତର ମନୋଭାବକୁ ଦର୍ଶାଉଛି ।

ଗତକିଛି ବର୍ଷ ହେଲା ସରକାର ଆର୍ଥିକ ଅନଗ୍ରସର ମୁସଲମାନମାନଙ୍କୁ, ଆର୍ଥିକ ପ୍ରଗତିରେ ସହଭାଗୀ ହେବା ପାଇଁ ଅନେକ ପ୍ରଚେଷ୍ଟା ଚଳାଇ ଆସିଛନ୍ତି । ତାଙ୍କ ଉନ୍ନତି ପାଇଁ ଅନେକ ପ୍ରକାର କଲ୍ୟାଣକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି। ଯାହା ଏପର୍ଯ୍ୟନ୍ତ ଅନ୍ୟ ସରକାରମାନଙ୍କ ଦ୍ୱାରା ଉପେକ୍ଷିତ ହେଉଥିଲା । ଦୁଇଟି ମୁସଲିମ ବହୁଳ ରାଷ୍ଟ୍ରକୁ ସହାୟତାର ହାତ ବଢ଼ାଇ ସମଗ୍ର ବିଶ୍ୱ ଯେ ପରସ୍ପର ସହିତ ସାଂସ୍କୃତିକ ଭାବରେ ଜଡ଼ିତ, ଏହା ଭାରତ ଏକ ଉଦାହାରଣ ସୃଷ୍ଟି କରିଛି ଏବଂ ଭାରତର ସହିଷ୍ଣୁତାକୁ ଯେଉଁମାନେ ସମାଲୋଚନା କରୁଥିଲେ, ସେମାନଙ୍କୁ ନୀରବ କରି ଦେଇଛି ।

## ଏଡିଆର ରିପୋର୍ଟ : ଦେଶର ୨୯ ମୁଖ୍ୟମନ୍ତ୍ରୀ କୋଟିପତି

# ଜଗନ ସବୁଠୁ ଧନୀ, ତୃତୀୟରେ ନବୀନ




ନୂଆଦିଲ୍ଲୀ: ଦେଶର କେଉଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଛି କେତେ ସମ୍ପତ୍ତି । ଦେଶର ୨୮ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ମାନଙ୍କ ମଧ୍ୟରେ ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ କିଏ? କିଏ ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ ? କେଉଁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା କେତେ ? ଏହା ଜାଣିବାକୁ ପ୍ରାୟତଃ ସମସ୍ତେ ଇଚ୍ଛୁକ ଥାଆନ୍ତି । ତେବେ ଗତ ନିର୍ବାଚନ ସମୟରେ ଦେଶର ମୁଖ୍ୟମନ୍ତ୍ରୀ ମାନେ ଦେଇଥିବା ଦେଇଥିବା ସମ୍ପତ୍ତି ମୂଲ୍ୟକୁ ଭିତ୍ତିକରି ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୦ ମୁଖ୍ୟମନ୍ତ୍ରୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ନିର୍ବାଚନ ଉପରେ ନଜର ରଖୁଥିବା ସଂସ୍ଥା ଆସୋସିଏସନଡ ଫର୍ ଡେମୋକ୍ରାଟିକ ରିଫର୍ମ (ଏଡିଆର) ଏବଂ ନ୍ୟାସନାଲ ଇଲେକ୍ସନ ୱାଚ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ଅପରାଧିକ, ଆର୍ଥିକ, ଶିକ୍ଷାଗତ ଆଦି ପୃଷ୍ଠଭୂମି ଉପରେ ଏକ ରିପୋର୍ଟ ପ୍ରକାଶ କରାଯାଇଛି । ଏହି ତାଲିକା ଅନୁସାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ତୃତୀୟ ଧନୀ ମୁଖ୍ୟମନ୍ତ୍ରୀ । ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡି ଏହି ତାଲିକାର ଶୀର୍ଷରେ ରହିଛନ୍ତି । ସେ ହେଉଛନ୍ତି ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ । ତେବେ ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ ହେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମମତାଙ୍କ ସମ୍ପତ୍ତିର ମୂଲ୍ୟ ସବୁଠାରୁ କମ ରହିଛି ।

### କେଉଁ ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି କେତେ ?

ରିପୋର୍ଟରୁ ଜଣାଯାଇଛି ଯେ, ଜଗନ ରେଡ୍ଡିଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୫୧୦ କୋଟି ଯାହାକି ସବୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଅଧିକ । ସେହିପରି ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ସମ୍ପତ୍ତିର ମୂଲ୍ୟ ରହିଛି ୧୬୩ କୋଟି ସେ ହେଉଛନ୍ତି ଦ୍ୱିତୀୟ ଧନୀ ମୁଖ୍ୟମନ୍ତ୍ରୀ । ଏହି ଦୁଇ ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ ଅନ୍ୟ କେଣସି ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ୧୦୦ କୋଟି ପାର ହୋଇନାହିଁ । ତେବେ ତାଲିକା ଅନୁସାରେ ଦେଶର ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ ହେଉଛନ୍ତି ମମତା ବାନାର୍ଜୀ । ତାଙ୍କର ସମ୍ପତ୍ତିର ମୂଲ୍ୟ ମାତ୍ର ୧୫ ଲକ୍ଷ ଥିବା ଜଣାଯାଇଛି । ଏକ କୋଟି ତଳେ ଥିବା ଅନ୍ୟତମ ୨ ମୁଖ୍ୟମନ୍ତ୍ରୀ ହେଲେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ଭିଜୟନ ଓ ହରିଆନା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର । ପିନାରାଇଙ୍କ ସମ୍ପତ୍ତିର ମୂଲ୍ୟ ହେଉଛି ୧ କୋଟି ଥିବାବେଳେ ମନୋହର ଲାଲ ଖଟ୍ଟରଙ୍କ ସମ୍ପତ୍ତିର ମୂଲ୍ୟ ମଧ୍ୟ ରହିଛି ୧ କୋଟି । ଅନ୍ୟପଟେ ଧନୀ ତାଲିକାର ତୃତୀୟ ସ୍ଥାନରେ ରହିଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ରହିଛି ୬୩ କୋଟିର ସମ୍ପତ୍ତି। ଚତୁର୍ଥ ସ୍ଥାନରେ ନାଗାଲ୍ୟାଣ୍ଡ ମୁଖ୍ୟମନ୍ତ୍ରୀ ନିଫ୍ୟୁ ରିଓ୍ଵ ୪୬ କୋଟିରୁ ଅଧିକ ସମ୍ପତ୍ତି ରହିଛି । ସେହିପରି ପଞ୍ଚମ ପଡୁଚେରୀ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀଙ୍କର ୩୮କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ରହିଛି ।

ଅନ୍ୟମାନଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କର ୧୭ କୋଟିରୁ ଅଧିକ ସମ୍ପତ୍ତି ଥିବାବେଳେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ୨୩ କୋଟିରୁ ଅଧିକ ସମ୍ପତ୍ତି ରହିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମ୍ପତି ୩ କୋଟି ଥିବାବେଳେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସମ୍ପତ୍ତି ମୂଲ୍ୟ ରହିଛି ୯ କୋଟି । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ଭାଇ ପଟେଲଙ୍କ ସମ୍ପତ୍ତି ମୂଲ୍ୟ ୮ କୋଟି । ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ପାଖରେ ରହିଛି ୭ କୋଟି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କର ୮ କୋଟି, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ୭ କୋଟି, ମଣିପୁର ମୁଖ୍ୟମନ୍ତ୍ରୀଙ୍କ ୧ କୋଟି, ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୪ କୋଟିର ସମ୍ପତ୍ତି ରହିଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି ୨୩ କୋଟି ଓ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି ୧୩ କୋଟି ।

### ସବୁଠୁ ପାଠୁଆ ମୁଖ୍ୟମନ୍ତ୍ରୀ କିଏ ?

ତେବେ କେବଳ ସେତିକି ନୁହେଁ, ଏହି ତାଲିକାରୁ ଜଣାଯାଇଛି ଯେ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ହେଉଛନ୍ତି ସବୁଠାରୁ ଉଚ୍ଚଶିକ୍ଷିତ ମୁଖ୍ୟମନ୍ତ୍ରୀ। ସେ ଫିଲୋସଫିରେ ଡକ୍ଟରେଟ ପାଇଥିବା ବେଳେ ପଲିଟିକାଲ ସାଇନ୍ସରେ ଏମଏ ଓ ଆଇନ୍ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି । ସେହିଭଳି ପୂର୍ବରୁ ଅଟୋ ଡ୍ରାଇଭର ଥିବା ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ହେଉଛନ୍ତି ଦେଶର ସବୁଠାରୁ କମ୍ ପାଠ ପଢିଥିବା ମୁଖ୍ୟମନ୍ତ୍ରୀ । ସେ ଦଶମ ଯାଏଁ ପାଠ ପଢିଛନ୍ତି ।

### କେସିଆରଙ୍କ ନାଁରେ ସର୍ବାଧିକ ମାମଲା

ରିପୋର୍ଟ ଅନୁଯାୟୀ ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ ତଥା ୪୩ ପ୍ରତିଶତ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ବିରୋଧରେ ସର୍ବାଧିକ ୧୦୧ଟି ଅପରାଧିକ ମାମଲା ରହିଥିବା ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ବିରୋଧରେ ୫୭ଟି ମାମଲା ରହିଛି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ବିରୋଧରେ ୭୩ଟି ଅପରାଧିକ ମାମଲା ଥିବା ବେଳେ ଏକନାଥ ସିନ୍ଦେଙ୍କ ବିରୋଧରେ ୧୯ଟି ମାମଲା ରହିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିାଲଙ୍କ ବିରୋଧରେ ୧୬ଟି ମାମଲା ରହିଥିବା ବେଳେ ପଂଜାବ ମୁଖ୍ୟମନ୍ତ୍ରୀ ଭଗ୍ୱନ୍ତ ମାନ୍ଙ୍କ ବିରୋଧରେ ୨ଟି ଅପରାଧିକ ମାମଲା ରହିଛି । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଗୋଟିଏ ହେଲେ ମାମଲା ନ ଥିବା ଏଡିଆର ତାର ରିପୋର୍ଟରେ ଦର୍ଶାଇଛି ।

# ଭାରତରେ ଅଛନ୍ତି ଦୁନିଆର ୭୫% ବାଘ

## ପ୍ରଧାନମନ୍ତ୍ରୀ ବଖାଣିଲେ ପ୍ରୋଜେକ୍ଟ ଟାଇଗରର ଉପଲବ୍ଧି

ନୂଆଦିଲ୍ଲୀ: ଦେଶର ବାଘ ସଂଖ୍ୟାରେ ରେକର୍ଡ ବୃଦ୍ଧି । ୨୦୨୨ ରିପୋର୍ଟ ଅନୁସାରେ ଦେଶରେ ଅଛନ୍ତି ୩ ହଜାର ୧୬୭ ବାଘ, ଯାହାକି ୨୦୧୮ ତୁଳନାରେ ୨୦୦ ଅଧିକ । ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ମହୀଶୂରରେ ଷ୍ଟାଟସ ଅଫ୍ ଟାଇଗର୍ସ, ଇଣ୍ଡିଆ ୨୦୨୨ ରିପୋର୍ଟ ଉନ୍ମୋଚନ ବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି । ଦେଶରେ ବ୍ୟାଘ୍ର ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଇଣ୍ଟରନ୍ୟାସନାଲ ବିଗ୍ କ୍ୟାଟ୍ ଆଲାଏନ୍ସର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଖୁସିର କଥା ଓଡ଼ିଶା ଆସୁଥିବା ଇଷ୍ଟର୍ଣ୍ଣ ଘାଟରେ ମଧ୍ୟ ବାଘ ସଂଖ୍ୟା ବୃଦ୍ଧି ପାଇଛି। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶରେ ବିଛି ବାଘ ସଂଖ୍ୟା । ୪ ବର୍ଷ ମଧ୍ୟରେ ବାଘଙ୍କ ସଂଖ୍ୟା ୨୦୦ ବଢିଛି। ୨୦୨୨ ବାଘ ଗଣନା ରିପୋର୍ଟ ଅନୁସାରେ ଦେଶରେ ଅଛନ୍ତି ୩ ହଜାର ୧୬୭ଟି ବାଘ। ୨୦୧୮ରେ ଏ ସଂଖ୍ୟା ଥିଲା ୨ ହଜାର ୯୬୭। ବାଘ ସଂଖ୍ୟା ବଢ଼ିଥିବାରୁ ୨୦୨୨ ବାଘ ଗଣନା ରିପୋର୍ଟ ଉନ୍ମୋଚନ କରିବା ଅବସରରେ ଖୁସି ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ବିଶ୍ୱରେ ଥିବା ମୋଟ ବାଘଙ୍କ ମଧ୍ୟରୁ ୭୫ ପ୍ରତିଶତ ଭାରତରେ ଥିବା ଗର୍ବର କଥା। ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ ସ୍ତରର ସହଯୋଗର ଆବଶ୍ୟକତାକୁ ଅନୁଭବ କରି ମୋଦି ଇଣ୍ଟରନ୍ୟାସନାଲ ବିଗ୍ କ୍ୟାଟ ଆଲାଏନ୍ସର ଶୁଭାରମ୍ଭ କରିଛନ୍ତି । ସିଂହ, ବାଘ, କଲରାପତରିଆ, ପୁମା, ଜାଗୁଆର ଓ ଚିତାର ସୁରକ୍ଷା ଦିଗରେ କାମ କରିବେ ଏହି ସଂଗଠନର ସଦସ୍ୟ ରାଷ୍ଟ୍ର ।




ଏହା ଭିତରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ପୂରିଛି ୫୦ ବର୍ଷ । ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୭୩ ମସିହାରେ ଏହାକୁ ଆରମ୍ଭ କରାଯାଇଥିଲା । ସେତେବେଳେ ଦେଶରେ ଥିଲା ୯ଟି ଟାଇଗର ରିଜର୍ଭ । ଏବେ ଦେଶରେ ୭୫ ହଜାର ବର୍ଗ କିଲୋମିଟର ଜଙ୍ଗଲରେ ଅଛି ୫୩ଟି ଟାଇଗର ରିଜର୍ଭ । ଅନ୍ୟପକ୍ଷରେ ଦେଶର ମଧ୍ୟଭାଗ ଓ ଓଡ଼ିଶା ଆସୁଥିବା ପୂର୍ବ ଘାଟ ଅଞ୍ଚଳରେ ସର୍ବାଧିକ ବାଘ ଅଛନ୍ତି । ୨୦୧୮ରେ ଏ ଦୁଇ ଅଞ୍ଚଳରେ ୧ ହଜାର ୩୩ଟି ବାଘ ଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ୧୨୮ ବଢି ୧୧୬୧ରେ ପହଞ୍ଚିଛି। ତେଣୁ ଓଡ଼ିଶାରେ ମଧ୍ୟ ବାଘ ସଂଖ୍ୟା ବିଥାଇପାରେ ବୋଲି ଅନୁମାନ କରାଯାଉଛି। ଅବାଧ ଶିକାର, ଖଣି ଖନନ ସହିତ ଖାଦ୍ୟର ଅଭାବ, ଜଙ୍ଗଲ ନଷ୍ଟ ପରି କେତେକ ସମସ୍ୟାର ସମାଧାନ କଲେ ରାଜ୍ୟରେ ବାଘ ସଂଖ୍ୟା ବିବାର ସମ୍ଭାବନା ଅଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବ୍ୟାଘ୍ର ଅଭୟାରଣ୍ୟର ପରିଚାଳନାଗତ ପ୍ରଭାବଶାଳୀ ମୂଲ୍ୟାୟନରେ ଶିମିଳିପାଳ ୯୦ ପ୍ରତିଶତରୁ ଅଧିକ ସ୍କୋର କରି ଏକ୍ସଲେଣ୍ଟ୍ ବର୍ଗରେ ସାମିଲ ହୋଇଛି । ଟାଇଗର ପ୍ରୋଜେକ୍ଟର ସ୍ୱର୍ଣ୍ଣଜୟନ୍ତୀ ଅବସରରେ ମୋଦି ଅମ୍ରିତ କାଲ୍ କା ଭିଜନ ଫର୍ ଟାଇଗର କଜରଭେସନ ନାମକ ଏକ ବହି ଓ ଏକ ମୁଦ୍ରାର ଉନ୍ମୋଚନ କରିଛନ୍ତି। କର୍ଣ୍ଣାଟକର ବାନ୍ଦିପୁର ବ୍ୟାଘ୍ର ପ୍ରକଳ୍ପ ପରିଦର୍ଶନ କରିଥିଲେ । ପରେ ଓସ୍କାର ପୁରସ୍କାରପ୍ରାପ୍ତ ଡକ୍ୟୁମେଣ୍ଟାରି ଦି ଏଲିଫେଣ୍ଟ ହ୍ୱିସପର୍ସ ସୁଟିଂ ହୋଇଥିବା ଥେପାକାଡୁ ଯାଇ ସେଠାରେ କିଛି ସମୟ ବିତାଇଥିଲେ।

# ବିବାଦରେ ଦଲାଇଲାମା



ନୂଆଦିଲ୍ଲୀ: ଭିଡିଓ ଭାଇରାଲ୍ ହେବା ପରେ କ୍ଷମା ମାଗିଲେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା । ଜଣେ ଶିଶୁକୁ ଚୁମ୍ବନ ଦେଉଥିବା ଭିଡିଓ ଭାଇରାଲ୍ ହେବା ପରେ ସେ କ୍ଷମା ପ୍ରାର୍ଥନା କରିଛନ୍ତି । ଛୋଟ ପିଲା ସହ ତାଙ୍କର ଏକ ଭିଡିଓ ପାଇଁ ବିବାଦ ଉପୁଜିଥିଲା । ଏହି ଘଟଣା ପରେ ଏକ ବୟାନ୍ ଜାରି କରି ତାଙ୍କୁ କ୍ଷମା ମାଗିବା ପାଇଁ ପଡ଼ିଛି । ଭିଡିଓରେ ତିବ୍ବତୀୟ ଧର୍ମଗୁରୁ କଥିତ ରୂପରେ ବୌଦ୍ଧ ଦୀକ୍ଷା ଗ୍ରହଣ କରିଥିବା ଜଣେ ଛୋଟ ପିଲାକୁ ଚୁମ୍ବନ ଦେବା ପରେ ନିଜ ଜିଭକୁ କାଢ଼ି ତାକୁ ଚୁଚୁମିବାକୁ କହିଥିଲେ । ଏହି କାରଣରୁ ବିବାଦ ଉପୁଜିଥିଲା । ଦଲାଇଲାମାଙ୍କ ଟିମ ପକ୍ଷରୁ ପ୍ରକାଶିତ ବିବୃତ୍ତିରେ କୁହାଯାଇଛି ଜଣେ ଛୋଟ ପିଲା ମହାନ ଧର୍ମଗୁରୁ ଦଲାଇଲାମାଙ୍କ ଠାରୁ ଆଶୀର୍ବାଦ ନେବା ସହ ଆଲିଙ୍ଗନ କରୁଛନ୍ତି । ତେବେ ଏହି ସମୟରେ ଦଲାଇଲାମା ପ୍ରୟୋଗ କରିଥିବା ଶବ୍ଦ ଯଦି ଆଘାତ ଦେଇଥାଏ, ତାହେଲେ ସେହି ପିଲା ଓ ତାଙ୍କ ପରିବାର ଲୋକ ଏବଂ ବିଶ୍ୱରେ ଥିବା ସମସ୍ତ ବନ୍ଧୁମାନଙ୍କୁ ସେ କ୍ଷମା ମାଗୁଛନ୍ତି । ଅନେକ ସମୟରେ ସର୍ବସାଧାରଣରେ ଏବଂ କ୍ୟାମେରା ଆଗରେ ସାକ୍ଷାତ କରୁଥିବା ଲୋକଙ୍କୁ ମଜାଳିଆ ଢଙ୍ଗରେ ଥଟ୍ଟା କରନ୍ତି ଦଲାଇଲାମା । ଏହି ଘଟଣା ପାଇଁ ସେ ଦୁଃଖିତ ।

ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକମାନେ ଆପତ୍ତି ଉଠାଇଥିଲେ । କେହି କେହି ଦଲାଇଲାମାଙ୍କ ଏପରି ବ୍ୟବହାରକୁ ତିରସ୍କାର କରୁଥିବା ବେଳେ କେହି କେହି ତାଙ୍କ ସପକ୍ଷରେ ଥିଲେ । ଏହାପୂର୍ବରୁ ୨୦୧୯ରେ ଦଲାଇଲାମା ଦେଇଥିବା ବୟାନ୍ ପାଇଁ ମଧ୍ୟ ବିବାଦ ଉପୁଜିଥିଲା। ତାଙ୍କର ଉତ୍ତରାଧିକାରୀ ଯଦି ଜଣେ ମହିଳା ହେବାକୁ ଚାହାଁନ୍ତି, ତେବେ ସେ ଅଧିକ ଆକର୍ଷଣୀୟ ହେବା ଉଚିତ୍। ପରେ ଦଲାଇଲାମା ତାଙ୍କର ଏହି ବିବୃତ୍ତି ପାଇଁ କ୍ଷମା ମାଗିଥିଲେ ।





# ୭୫ ବର୍ଷରେ ସ୍ୱପ୍ନର ସହର ଭୁବନେଶ୍ୱର

ଭିତର ସହର ଭୁବନେଶ୍ୱର । କାହା ପାଇଁ ସ୍ୱପ୍ନର ସହର ତ ପୁଣି କାହା ପାଇଁ ପେଟପାଟଣାର ସହର। ସମଗ୍ର ବିଶ୍ୱ ପାଇଁ ମନ୍ଦିର ମାଳିନୀ ସହର ଭାବରେ ଜଣାଶୁଣା ଓଡିଶାର ରାଜଧାନୀ । ଏଇଠି ମାଳ ମାଳ ମନ୍ଦିର, ସାହିତ୍ୟ, କଳା ସଂସ୍କୃତି, ଐତିହ୍ୟ-ସ୍ଥାପତ୍ୟ ସହ ପର୍ଯ୍ୟଟନ ଭରା ସ୍ୱପ୍ନର ସହର ଭୁବନେଶ୍ୱର । ସହର ଦେଖିଛି ସଂଘର୍ଷ ଆଉ ଶିଖାଇଛି ଲଢିବାର କୌଶଳ । ଏଇଠି ସ୍ୱପ୍ନ ସତ କରେ ସ୍ୱପ୍ନର ପଥିକ। ପ୍ରଗତି ପଥରେ ଦୌଡୁଥିବା ସହର ସହ ପାଦରେ ପାଦ ମିଶାଇ ଚାଲୁଛନ୍ତି ସହରବାସୀ । ଓଡିଶାବାସୀଙ୍କ ହୃଦୟର ସହର ସ୍ମାର୍ଟ ସିଟି । ରଙ୍ଗର ସହର ଭୁବନେଶ୍ୱର ଆଜି ସଫଳତାର ରଙ୍ଗ ମାଖିଛି । ଅନେକ ଇତିହାସକୁ ଜାବୁଡି ଧରିଛି ଓଡିଶାର ରାଜଧାନୀ । ୧୯୪୮ ଏପ୍ରିଲ ୧୩ ରେ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିଲା ଦିନଟି । ଆଜିକୁ ଠିକ ୭୫ ବର୍ଷ ତଳେ ଜନ୍ମ ହୋଇଥିଲା ଏ ସହର । ପୁରୁଣା ଭୁବନେଶ୍ୱର, କପିଳ ପ୍ରସାଦ, କପିଳେଶ୍ୱର ଓ ସାମନ୍ତରାପୁର ଭଳି ଅଳ୍ପ ଅଞ୍ଚଳକୁ ନେଇ ଗଢି ଉଠିଥିଲା ରାଜଧାନୀ ଭୁବନେଶ୍ୱର। ପରେ ପରେ ନୂଆ ଅଞ୍ଚଳ ମିଶିବା ସହ ସହର ବଢି ଚାଲିଥିଲା । ୭୫ରେ ପାଦ ଥାପିଛି ଭୁବନେଶ୍ୱର ।

୧୯୫୨ ଅକ୍ଟୋବର ପହିଲାରେ ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ, ୧୯୭୯ରେ ମ୍ୟୁନିସିପାଲଟି ଏବଂ ୧୯୯୪ରେ ମହାନଗର ନିଗମର ମାନ୍ୟତା ପାଇଥିଲା । ଆଜି ସବୁ କ୍ଷେତ୍ରରେ ବିକଶିତ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ବ୍ୟବସାୟ, ଅର୍ଥନୀତି, କ୍ରୀଡା ଓ ପର୍ଯ୍ୟଟନ କ୍ଷେତ୍ରରେ ନମ୍ବର ୱାନ ହୋଇଛି । ଶିକ୍ଷା ହବ ପାଲଟିଛି ସହର । ଆରମ୍ଭରୁ ମାତ୍ର ହାତ ଗଣତି ଶିକ୍ଷାନୁଷ୍ଠାନ ଥିଲା ମାତ୍ର ସହର ବୟସ ବଢିବା ସାଙ୍ଗକୁ ମଣିଷ ତିଆରି କାରଖାନା ମଧ୍ୟ ଗଢି ଉଠିଥିଲା । ସହରରେ ଆଇଆଇଟି, କିଟ ବିଶ୍ୱବିଦ୍ୟାଳୟ, ଓୟୁଏଟି, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ରହିଛି । ଅନେକ ପ୍ରତିଭା ତିଆରି କରିଛି ଏହି ଶିକ୍ଷାନୁଷ୍ଠାନ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପଛରେ ପଡିନି ସହର । ଉଦୟଗିରି, ଖଣ୍ଡଗିରି, ଶାନ୍ତିସ୍ତୁପ ଧଉଳି, ନନ୍ଦନକାନନ, ପ୍ଲାନେଟୋରିୟମ ଆଦି ପର୍ଯ୍ୟଟନ ବୃଦ୍ଧି କରିଛି । ମାଳ ମାଳ ମନ୍ଦିର ପାଇଁ ମନ୍ଦିର ମାଳିନୀ ସହର ଆଖ୍ୟା ପାଇଛି ସହର।

**ସଫଳତା ଦେଲା ହକି ମହାକୁମ୍ଭ:** କ୍ରୀଡା ଠିକଣା ପାଲଟିଛି ରାଜଧାନୀ । ସହର ସଫଳତାରେ ଫର୍ଦ୍ଦ ଯୋଡିଛି ହକି ବିଶ୍ୱକପ । ଦୁଇ ଦୁଇ ଥର ହକି ମହାକୁମ୍ଭ ଆୟୋଜନ ସହରକୁ ନୂଆ ପରିଚୟ ଦେଇଛି। ୨୦୧୮ ଓ ୨୦୨୩ରେ ପୁରୁଷ ହକି ବିଶ୍ୱକପ ଆୟୋଜନ ସହରର ସମ୍ମାନ ବଢାଇଛି ।ଏହା ସହ ଫିଫା ମହିଳା ବିଶ୍ୱକପ ଆୟୋଜନ ସରି ପ୍ରଶଂସା ସାଉଁଟିଛି ସହର । ଟେନିସ ଖେଳକୁ ଗୁରୁତ୍ୱ ଦେଇ ଏକ ଟେନିସ ସେଣ୍ଟର ଉଦଘାଟନ ହୋଇଛି । ଯାହା କ୍ରୀଡା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିଛି ।

**ମେଟ୍ରୋ ଅପେକ୍ଷାରେ ସହରବାସୀ:** କ୍ରୀଡା, ସ୍ୱାସ୍ଥ୍ୟ ଶିକ୍ଷାରେ ସଫଳତା ସାଉଁଟି ଥିବା ସହର ଏବେ ମେଟ୍ରୋ ସ୍ୱପ୍ନ ଦେଖାଇଛି । ଖୁବଶୀଘ୍ର ସହରରେ ଦୌଡିବ ମେଟ୍ରୋ ଟ୍ରେନ୍ । ମୁମ୍ବାଇ, ହାଇଦ୍ରାବାଦ ଭଳି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ଗଡିବ । ଉତ୍କଳ ଦିବସରେ ମେଟ୍ରୋ ଟ୍ରେନ ଚଳାଚଳ ନେଇ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟବାସୀଙ୍କ ଏହି ସ୍ୱପ୍ନ ପୂରଣ ହେବ । ଏନେଇ ଶୁବଶୀଘ୍ର ଶିଳାନ୍ୟାସ ହେବ । ଭୁବନେଶ୍ୱରରୁ କଟକ ମଧ୍ୟରେ ଧାଇଁବ ମେଟ୍ରୋ ।

**ରାଜଧାନୀକୁ ଜଳବନ୍ଦୀ ଅଡୁଆ:** ୭୫ ବର୍ଷରେ ପାଦ ଥାପିଛି ରାଜଧାନୀ । ଟେମ୍ପଲ ସିଟିରୁ ସ୍ମାର୍ଟ ସିଟିର ଏ ଲମ୍ବା ଯାତ୍ରା ଭିତରେ ବଢିଛି ସହରର କାୟା ଆଉ ବଦଳିଛି ପରିବେଶ । ଖୁବ କମ ସହରରେ ଏଭଳି କ୍ୱଚିତ କୀର୍ତ୍ତିରାଜି ଦେଖିବାକୁ ମିଳେ । ସବୁ କ୍ଷେତ୍ରରେ ଆଗଉଛି ଆମ ଭୁବନେଶ୍ୱର । କିନ୍ତୁ ବର୍ଷା ଦିନେ ଜଳବନ୍ଦୀ ସମସ୍ୟାରୁ ଏବେବି ମୁକୁଳି ପାରିନି ଭୁବନେଶ୍ୱର । ଏଥିପାଇଁ ବିଏମସିକୁ ବଦନାମ ବି ମୁଣ୍ଡେଇବାକୁ ପଡିଛି। ବିକାଶ ପଥରେ ଆଗେଇ ଚାଲିଥିବା ଭୁବନେଶ୍ୱର ବାଟରେ କଣ୍ଟା ହୋଇ ଛିଡା ହୋଇଛି ବର୍ଷା ଦିନିଆ ଜଳବନ୍ଦୀ ସମସ୍ୟା । ଏଥିପାଇଁ ଅନେକ ବ୍ୟବସ୍ଥା କରାଯାଇଛି ହେଲେ ଠିକଣା ସମୟରେ ଅବସ୍ଥା ଯଥା ପୂର୍ବଂ ତଥା ପରଂ । ଏଥିପାଇଁ ବିଏମସିକୁ ବ୍ୟବସ୍ଥା କରିବାକୁ ପଡିବ ।

ରାଜ୍ୟବାସୀଙ୍କ ସ୍ୱପ୍ନ ସହ ସ୍ୱପ୍ନର ସହର ସମୃଦ୍ଧ ହେଉଛି । ଏହି ୭୫ ବର୍ଷ ପ୍ରଗତି ପଥ ଅତିକ୍ରମ କରି ମାଡି ଚାଲିଛି ଆଗକୁ ଆଗକୁ । ସେବେର ଭୁବନେଶ୍ୱର ଆଉ ଏବେର ଭୁବନେଶ୍ୱର ମଧ୍ୟରେ ଆକାଶ ପାତାଳ ଫରକ । ସହର ଆହୁରି ସଫଳତା ସାଉଁଠୁ ଛ ନା କେବେ ଥକୁ ନା କେବେ ଅଟକୁ ।



# ଭାରି ପଡ଼ିବେ ବବି



ଆଶ୍ରମର ସିଜନ ୪ର ଝଲକ ସାମ୍ନାକୁ ଆସିବା ପରେ ବବି ଦେଓଲଙ୍କ ପ୍ରଶଂସକମାନେ ତାଙ୍କୁ ପୁଣି ଥରେ ବାବା ନିରାଲା ଚରିତ୍ରରେ ଦେଖିବାକୁ ଉତ୍ସାହର ସହ ଅନେଇ ବସିଛନ୍ତି । ଆଗକୁ ମଧ୍ୟ ବବି ଦେଓଲଙ୍କ ହାତରେ ଅନେକ ଚଳଚ୍ଚିତ୍ର ରହିଛି । ଅଜୟ ଦେବଗନ୍, ଶାହରୁଖ ଖାନ୍ ଏବଂ ସଲମାନ ଖାନଙ୍କ ଭଳି ତାରକାଙ୍କ ସହ ତାଙ୍କର ଆଗାମୀ ଚଳଚ୍ଚିତ୍ର-ୱେବ୍ ସିରିଜ୍ ପ୍ରତିଯୋଗିତା କରିବ ଏଥିରେ ସନ୍ଦେହ ନାହିଁ। ଦର୍ଶକଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତା ଦିନକୁ ଦିନ ବଢିବାରେ ଲାଗିଛି । ବାବା ନିରାଲା ଓରଫ ବବି ଦେଓଲଙ୍କ ଆଶ୍ରମର ସବୁ ସିରିଜ୍ ହିଟ୍ ହେବା ପରେ, ନିର୍ମାତାମାନେ ଏହାର ସିଜନ୍ ୪କୁ ରିଲିଜ୍ କରିବାକୁ ଅଣ୍ଟା ଭିଡିଛନ୍ତି। ସେ ତାଙ୍କର ଆଗାମୀ ଚଳଚ୍ଚିତ୍ରରେ ଆକର୍ଷଣୀୟ ଚରିତ୍ର ସହିତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିବାକୁ ପ୍ରସ୍ତୁତ। ସେ ଭିଲେନ୍ ଭୂମିକାରେ ଶାହରୁଖ ଖାନ, ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ପରି ବଲିଉଡ ତାରକାଙ୍କ ଉପରେ ଭାରି ପଡିବେ ବୋଲି ବଲିଉଡ୍‌ରେ ଆଲୋଚନା ହେଉଛି।

**ଆଶ୍ରମ ୪:** ୱେବ୍ ସିରିଜ୍ ଆଶ୍ରମରେ ବାବା ନିରାଲା ହୋଇ ଦର୍ଶକଙ୍କ ହୃଦୟ ଜିତିଥିବା ବବି ଦେଓଲ୍ ଖୁବ୍ ଶୀଘ୍ର ଆଶ୍ରମ-୪ ସହିତ ଦର୍ଶକଙ୍କ ସାମ୍ନାକୁ ଆସିବେ । ସେ ବାବା ନିରାଲାର ଅନ୍ଧକାର ଦୁନିଆରେ ସମସ୍ତଙ୍କୁ ଏକାଠି କରିବା ନଜର ଆସିବେ । ନିର୍ମାତା ଗତ ବର୍ଷ ଏମ୍‌ଏକ୍ସ ପ୍ଲେୟାରରେ ଆଶ୍ରମ-୩ ରିଲିଜ୍ କରିବା ସହିତ ଆଶ୍ରମ-୪ର ଝଲକ ମଧ୍ୟ ପ୍ରଦର୍ଶନ କରିଥିଲେ ।

**ଏନିମଲ୍:** ରଣବୀର କପୁର ଏବଂ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଏନିମଲ୍‌ରେ ବବି ଦେଓଲ ଏକ ବିଶେଷ ଭୂମିକାରେ ନଜର ଆସିବେ । ଏହି ରୋମାଣ୍ଟିକ୍ ଥ୍ରୀଲର୍‌ରେ ଜବରଦସ୍ତ ଆକ୍ସନ ଦେଖିବାକୁ ମିଳିବ। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ ଏନିମଲ୍‌ରେ ଅନିଲ କପୁର ଏବଂ ତୃପ୍ତି ଡିମ୍ରୀଙ୍କୁ ମଧ୍ୟ ଦେଖିବାକୁ ମିଳିବ ।




**ହରି ହର ଭିରା ମଲ୍ଲୁ:** ବବି ଦେଓଲ ଦକ୍ଷିଣ ସିନେମାରେ ହରି ହର ଭିରା ମଲ୍ଲୁରେ ମଧ୍ୟ ନିଜର ଜଲ୍‌ୱା ଦେଖେଇବେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏଥିରେ ବବି ଔରଙ୍ଗଜେବ ଭୂମିକାରେ ନଜର ଆସିବେ । ସେହିପରି ଏଥିରେ ପୱନ୍ କଲ୍ୟାଣ ଭିରା ମଲ୍ଲୁର ମୁଖ୍ୟ ଭୂମିକାରେ ଦେଖାଦେବେ। ଅନ୍ୟମାନଙ୍କ ମଧ୍ୟରେ ନର୍ଗିସ୍ ଫାଖରୀ, ନିଧି ଅଗ୍ରୱାଲଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**ହାଉସ୍ ଫୁଲ୍-୫:** ସାଜିଦ୍ ନାଡିୟାଡୱାଲାଙ୍କ ଫିଲ୍ମ ହାଉସଫୁଲ-୫ରେ ମଧ୍ୟ ବବି ଦେଓଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ । ସୂଚନା ମିଳିଛି ଯେ ନିର୍ମାତା ଏହି ସିକ୍ୱେଲ୍‌ରେ ଫ୍ରାଞ୍ଚାଇଜ୍‌ର ସମସ୍ତ ତାରକାଙ୍କୁ ଆଣିବାକୁ ଚାହୁଁଛନ୍ତି ।

**ଆପ୍‌ନେ:** ବଲିଉଡ୍‌ର ଦେଓଲ ପରିବାର ଖୁବ୍ ଶୀଘ୍ର ଫିଲ୍ମ ଆପ୍‌ନେର ସିକ୍ୱେଲ ନେଇ ଆସୁଛନ୍ତି । ଭାଇ ସନି ଏବଂ ବାପା ଧର୍ମେନ୍ଦ୍ରଙ୍କ ସହ ବବି ଦେଓଲ ତାଙ୍କର ଜଲୱା ଦେଖାଇବେ । ନିର୍ଦ୍ଦେଶକ ଅନିଲ ଶର୍ମା ଗତ ବର୍ଷ ଫିଲ୍ମର ସୁଟିଂ ଆରମ୍ଭ କରିଥିଲେ ହେଁ ଫିଲ୍ମର ରିଲିଜ୍ ତାରିଖ ଏପର୍ଯ୍ୟନ୍ତ ଜଣାପଡିନାହିଁ ।

**ଶ୍ଲୋକ୍ ଦ ଦେଶୀ ଶେର୍ଲକ୍ ହୋମ୍ସ:** ୫୪ ବର୍ଷିୟ ବବି ଦେଓଲ ତାଙ୍କର ଆଗାମୀ ଡିଟେକ୍ଟିଭ୍ ଫିଲ୍ମ ଶ୍ଲୋକ୍ ଦ ଦେଶୀ ଶେର୍ଲକ୍ ହୋମ୍ସରେ ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି, ଯାହା ଦର୍ଶକଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ହେବ । ଅନନ୍ୟା ବିର୍ଲା ଏହି ଫିଲ୍ମ ସହିତ ଡେବ୍ୟୁ କରିବାକୁ ଯାଉଛନ୍ତି । ଅନନ୍ୟା ଭାରତୀୟ ଶିଳ୍ପପତି କୁମାର ମଙ୍ଗଲମ୍ ବିର୍ଲାଙ୍କ ଝିଅ।

---

**ଚକୋଲେଟ୍ ଅବା କହାକୁ ପସନ୍ଦ ନୁହେଁ। ସମସ୍ତେ ଚକୋଲେଟ୍ ଖାଇବାକୁ ଖୁବ୍ ପସନ୍ଦ କରିଥାଆନ୍ତି । ବିଶେଷ କରି ଝିଅମାନେ ଚକୋଲେଟ୍ ଖାଇବାକୁ ବେଶୀ ପସନ୍ଦ କରନ୍ତି । ହେଲେ ବର୍ତ୍ତମାନ ଚକୋଲେଟ୍‌କୁ ନେଇ ବିଶେଷଜ୍ଞମାନେ ବଡ଼ ତଥ୍ୟ ରଖିଛନ୍ତି । ଯାହା ଜାଣିଲେ ସମସ୍ତଙ୍କୁ ଖୁବ୍ ଭଲଲାଗିବ । ଆଉ ପୁରୁଷମାନେ ମଧ୍ୟ ଚକୋଲେଟ୍ ଖାବାକୁ ପସନ୍ଦ କରିବେ ।**




## ଖାଉଛନ୍ତି କି ଡାର୍କ ଚକୋଲେଟ୍ ?

- ଡାର୍କ ଚକୋଲେଟ୍‌କୁ ନେଇ ଏକ୍ସପର୍ଟ ମାନେ ମତ ରଖିଛନ୍ତି। ଏକ୍ସପର୍ଟଙ୍କ କହିବା ଅନୁସାରେ ଚକୋଲେଟ ଖାଇବା ଦ୍ୱାରା ଅନେକ ଫାଇଦା ହୋଇଥାଏ । ଡାର୍କ ଚକୋଲେଟ୍ରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଆଣ୍ଟି ଇନ୍‌ଫ୍ଲିମେଣ୍ଟ ରହିଥାଏ । ଯାହା ଆପଣଙ୍କ ସ୍ୱାସ୍ଥ୍ୟକୁ ଅନେକ ଫାଇଦା ଦେଇଥାଏ । ଡାର୍କ ଚକୋଲେଟରେ ଭରପୂର ପୋଷଣ ରହିଥାଏ ।
- ଯଦି ଆପଣ ସୁଦ୍ଧ ଡାର୍କ ଚକୋଲେଟ୍ ଖାଉଛନ୍ତି ତେବେ ଏଥିରେ ୭୦ ପ୍ରତିଶତରୁ ଅଧିକ କୋକୋ ଭରି ରହିଥାଏ। ଯାହା ଆପଣଙ୍କ ଶରୀରକୁ ପୋଷକତତ୍ୱ ଦେଇଥାଏ । ପୋଟାସିୟମ ସିଙ୍କ୍, ସେଲିନିୟମ ଫସଫରସ୍ ଏବଂ ଏଥିରେ ଭରପୂର ନିୟୁଟ୍ରେସିୟନ ଭରି ରହିଥାଏ । ତାହା ସହ ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ମଧ୍ୟ ଭଲ ହୋଇଥାଏ ।
- ଡାର୍କ ଚକୋଲେଟ୍ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣକୁ ଆସିଥାଏ । ତାହାସହ କୋଲଷ୍ଟ୍ରଲକୁ ମଧ୍ୟ କମ୍ କରାଇଥାଏ ଡାର୍କ ଚକୋଲେଟ୍ । ଖାଲି ଏତିକି ନୁହେଁ, ଏହା ଖାଇବା ଦ୍ୱାରା ଚର୍ମକୁ ମଧ୍ୟ ଅନେକ ଫାଇଦା ମିଳିଥାଏ । ଏଥିରେ ବାୟୋ ଆକ୍ଟିଭ୍ କମ୍ପାଉଣ୍ଡସ୍ ଥିବାରୁ ଚର୍ମକୁ ଏହା ସୁରକ୍ଷିତ ରଖିଥାଏ ।



---

# ଖରାଦିନେ ଖାଆନ୍ତୁ ଏହି ଜିନିଷ

**ଖରାଦିନେ ଶରୀରରେ ଜଳୀୟ ଅଂଶର ଅଭାବ ହେବା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦେଖାଦେଇଥାଏ । ତେଣୁ ଏହି ଦିନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍‌ନବାନ୍ ହେବା ଆବଶ୍ୟକ । ଖରାଦିନେ ଶରୀରକୁ ଶୀତଳ ରଖିବା ସହ ଆବଶ୍ୟକୀୟ ପରିମାଣରେ ଶରୀରରେ ଜଳର ଅଭାବ ଦୂର କରୁଥିବା ଖାଦ୍ୟ ସେବନ କରିବା ଉଚିତ । ଏହାଦ୍ୱାରା ଶରୀର ଠାରୁ ରୋଗ ଦୂରେଇ ରହିବାରେ ସହାୟକ ହୋଇଥାଏ । ଖରାଦିନେ କମ୍ ଭୋକ ହୋଇଥାଏ । ଖରାଦିନେ ସଠିକ୍ ଭାବେ ଖାଦ୍ୟ ସେବନ ନକରିବା ଦ୍ୱାରା ବାନ୍ତି, ପେଟ ଜନିତ ସମସ୍ୟା, କୋଷ୍ଠକାଠିନ୍ୟ, ଗ୍ୟାଷ୍ଟ୍ରିକ, ଏସିଡିଟି ଭଳି ସମସ୍ୟା ହୋଇଥାଏ । ପନିପରିବା ଖାଇବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଶରୀରରେ ଜଳାଭାବ ଦୂର ହୋଇଥାଏ।**



- ଖରାଦିନେ ସବୁଜ ପନିପରିବା ନିଶ୍ଚୟ ଖାଆନ୍ତୁ। ସବୁଜ ପନିପରିବା ଶରୀରରେ ଆଇରନ, କ୍ୟାଲସିୟମ ଓ ଜଳର ଅଭାବ ଦୂର କରିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏଛ ଶରୀରରୁ ରୋଗକୁ ଦୂର କରିଥାଏ ।
- ଖରାଦିନେ ବିନସ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ବିନସ୍‌ରେ ଭିଟାମିନ୍ ଓ ମିନେରାଲ୍ସ ଉତ୍ତମ ମାତ୍ରାରେ ରହିଛି । ଏହାସହ ଏଥିରେ ପ୍ରୋଟିନ୍, ଆଇରନ, ଜିଙ୍କ୍ ଓ ଭିଟାମିନ୍ କେ ଭରପୁର ମାତ୍ରାରେ ରହିଛି। ବିନସ୍ ଖାଇବା ଦ୍ୱାରା ଶରୀରରେ ପୋଷକ ତତ୍ତ୍ୱର ଅଭାବ ପୂରଣ କରିବାରେ ସହାୟକ ହୋଇଥାଏ ।
- ଲାଉରେ ଭରପୁର ମାତ୍ରାରେ କ୍ୟାଲସିୟମ୍ ରହିଛି । ଏହା ହାଡକୁ ମଜଭୂତ କରିଥାଏ। ଏହାସହ ଲାଉ ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ଓ ଶର୍କରା ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ । ତେଣୁ ଖରାଦିନେ ନିଶ୍ଚୟ ଲାଉ ସେବନ କରନ୍ତୁ ।
- କଲରା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ମାତ୍ର ସ୍ୱାଦରେ ପିତା ହୋଇଥିବାରୁ ଖୁବ୍ କମ୍ ଲୋକେ ଏହାକୁ ଖାଇଥାଆନ୍ତି । ମାତ୍ର ଖରାଦିନେ କଲରା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ । ଏଥିରେ ଭିଟାମିନ ସି, ଆଇରନ, କ୍ୟାଲସିୟମ ଓ ପୋଟାସିୟମ ଭରପୁର ମାତ୍ରାରେ ରହିଛି । ଏହା ପାଚନ ତନ୍ତ୍ରକୁ ମଜଭୂତ କରିଥାଏ । ପେଟକୁ ଥଣ୍ଡା ରଖିବାରେ ମଧ୍ୟ ସହାୟକ ହୋଇଥାଏ ।
- ଟମାଟୋର ବ୍ୟବହାର ଅଧିକାଂଶ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ହୋଇଥାଏ । ଏହାର ବ୍ୟବହାର ସାଲାଡ, ଚଟଣି ଆଦିରେ ମଧ୍ୟ ହୋଇଥାଏ। ଖରାଦିନେ ଟମାଟୋର ସେବନ କରିବା ଦ୍ୱାରା ଶରୀରରେ ଜଳର ଅଭାବ ଦୂର ହୋଇଥାଏ।

THE AADHAR ODISHA ଆଧାର୍ ଓଡ଼ିଶା

# ଆତଙ୍କ ଖେଳାଇଛି କିଡ୍‌ନୀ ରୋଗ

## ୫ ବର୍ଷରେ ଗଲାଣି ୪୦ ଜୀବନ, ଭୟରେ ଗାଁ ଛାଡୁଛନ୍ତି ଲୋକେ



ସମ୍ବଲପୁର: ଗାଁରେ ଆତଙ୍କ ମଚାଇଛି କିଡନୀ ରୋଗ । ରୋଗରେ ଛଟପଟ ହୋଇ ଜଣକ ପରେ ଜଣଙ୍କ ଜୀବନ ଯାଉଛି । ବିଗତ ୧୫ ବର୍ଷ ଭିତରେ ୪୦ ଜଣଙ୍କ ମୃତ୍ୟୁ ହେଲାଣି । ଏବେ ବି ଅନେକ ଲୋକ ରୋଗଶଯ୍ୟାରେ ପଡି ଚିକିତ୍ସିତ ହେଉଛନ୍ତି । ସମ୍ବଲପୁର ଜିଲ୍ଲା ଝୁଜୁମୁରା ବ୍ଲକ ଗୌରଗୋଠ ଗ୍ରାମରେ ଏହି କିଡନୀ ରୋଗ ଆତଙ୍କ ଦେଖାଯାଇଛି । ଏଠାରେ ୩ ବର୍ଷ ଭିତରେ ୧୫ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏପରିକି କେତେକ ପରିବାର ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯାଇଥିବା ଲୋକେ କହିଛନ୍ତି । କିଛି ଦିନ ତଳେ ଗ୍ରାମର ସୁରେଖା ଭୋଇ ନାମକ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ପୁରା ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସ୍ଥିତି ଏଭଳି ଯେ, ଲୋକ ଜୀବନ ବଞ୍ଚାଇବା ପାଇଁ ଗାଁ ଛାଡି ପଳାଉଛନ୍ତି ।

କିଡନୀ ରୋଗ ଗୌରଗୋଠ ଗ୍ରାମବାସୀଙ୍କ ନିଦ ହଜାଇଛି । ଦୀର୍ଘ ୧୫ ବର୍ଷ ହେଲାଣି ଏହି ରୋଗ ବ୍ୟାପୁଛି । ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ଗାଁର ସୁରେଖା ଭୋଇ, ସୁରେନ ଭୋଇ, ବିମଳା ଭୋଇ, ରଜନୀ ଭୋଇ, ଲାଲା ଭୋଇ, ସୁପକେଶୀ ବିଶି ସହ ଅନେକ ଲୋକ କିଡ଼ନୀ ରୋଗରେ ପ୍ରାଣ ହରାଇଛନ୍ତି । ନିରଞ୍ଜନ ଭୋଇଙ୍କ ପରିବାର ପୁରା ପୁରି ନିଶ୍ଚିହ୍ନ ହୋଇ ଯାଇଥିବା ଗାଁ ଲୋକେ କହିଛନ୍ତି । ସେହିପରି ଅନ୍ତର୍ଯ୍ୟାମୀ ଭୋଇ, ସନତ ଭୋଇ ଓ ଧନପତି ଭୋଇ ରୋଗ ଭୟରେ ଗାଁ ଛାଡି ଚାଲି ଯାଇଛନ୍ତି । ରୋଗ କବଳରେ ପୁରା ଗାଁ ଥିବାବେଳେ କେଉଁ କାରଣରୁ ଏହି ରୋଗ ହେଉଛି ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି, ତଥାପି ଗାଁର ପାଣି ଯୋଗୁଁ କିଡନୀ ରୋଗ ହେଉଥିବା ସନ୍ଦେହ କରାଯାଉଛି ।

ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗର ଏକ ଟିମ୍ ଗୌରଗୋଠ ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗର କାରଣ ଜାଣିବାକୁ ଚେଷ୍ଟା କରୁଛି । ଆର୍‌ଡବ୍ଲୁଏସ୍‌ଏସ୍‌ର ଟିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନର ପାନୀୟ ଜଳ ସଂଗ୍ରହ କରି ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଷ୍ଟେଟ୍ ଲ୍ୟାବକୁ ପଠାଇଛି । ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଟିମ ଏହି ରୋଗର କାରଣ ଦେଶୀ ମଦ ପିଇବା ନା ଜେନିଟିକ ସମସ୍ୟା ଯୋଗୁଁ ହେଉଛି ନା ପାନୀୟ ଜଳ ଯୋଗୁଁ ହେଉଛି ସେନେଇ ପରୀକ୍ଷା ନିରୀକ୍ଷା କରୁଛି । ତେବେ ଆଗକୁ ସ୍ୱାସ୍ଥ୍ୟ ବିଭାଗ ଚେନ୍ନାଇର ଆଇସିଏମ୍ଆର ସଂସ୍ଥାର ସହଯୋଗରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା କିଡ଼ନୀ ରୋଗ ନେଇ ରିସର୍ଚ୍ଚ କରିବ ବୋଲି ସୂଚନା ଦେଇଛି । ପ୍ରତିବର୍ଷ କିଡନୀ ରୋଗରେ ଗୌରଗୋଠ ଗାଁରେ ଦୁଇରୁ ତିନି ଜଣଙ୍କ ମୃତ୍ୟୁ ହେଉଛି । ଏବେ ଗ୍ରାମରେ ପ୍ରାୟ ୭ ଜଣ ରୋଗରେ ଆକ୍ରାନ୍ତ ଅଛନ୍ତି । ଏଥିପାଇଁ ସାରା ଅଞ୍ଚଳରେ ଭୟର ବାତାବରଣ ରହିଛି । ତେଣୁ ଯଥାସମ୍ଭବ ଏହି ରୋଗର କାରଣ ଚିହ୍ନଟ କରି ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି ।

# ମିଳୁନି ପାନୀୟ ଜଳ: ଦୂଷିତ ପାଣି ଏକମାତ୍ର ଭରସା

ସୁନ୍ଦରଗଡ଼: ଗାଁ ଲୋକଙ୍କୁ ସୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେତେ କଣ ଯୋଜନା ପ୍ରଣୟନ କରୁଛନ୍ତି । ହେଲେ ତାହା ପ୍ରହସନରେ ପରିଣତ ହେଲା ପରି ଲାଗୁଛି । କାରଣ ଖଣି ଖାଦାନ ଭରା ସୁନ୍ଦରଗଡ଼ ଜିଲ୍ଲା କୋଇଡା ଅଞ୍ଚଳରେ ଏମିତି କିଛି ଗାଁ ରହିଛି, ଯେଉଁଠି ପିଇବା ପାଇଁ ପାନୀୟ ଜଳ ମୁନ୍ଦାଏ ମିଳୁନି । ସେଥିପାଇଁ ଗାଁ ଲୋକଙ୍କୁ ନଦୀ ପାଣି ଉପରେ ନିର୍ଭର କରିବାକୁ ପଡୁଛି ।

କୋଇଡା ବ୍ଲକ୍ ସଦର ମହକୁମାଠାରୁ ୮ କିମି ଗଲେ ପଡ଼ିଥାଏ ପୁଣ୍ଡୁପୋଖରୀ ଗାଁ । ଶହେରୁ ଅଧିକ ପରିବାର ଏହି ଗାଁରେ ବସବାସ କରନ୍ତି । ଜଙ୍ଗଲ ଭିତରେ ଗାଁଟି ଥିବାରୁ ଲୋକମାନେ ବର୍ଷ ବର୍ଷ ଧରି ଜଳକଷ୍ଟ ଭିତରେ ଜୀବନ ଅତିବାହିତ କରିଥାଆନ୍ତି । ବାରମ୍ବାର ଅଭିଯୋଗ ପରେ ସ୍ଥାନୀୟ ପ୍ରଶାସନ ଓ ଖଣି କମ୍ପାନୀ ଗୁଡ଼ିକ ଗାଁରେ ନଳକୂପ ଓ ବୋରୱେଲ ପ୍ରତିଷ୍ଠା କରିଥିଲେ । ହେଲେ ତାହା କାମରେ ଆସୁନାହିଁ ।

ନଳକୂପ ଓ ବୋରୱେଲରୁ ନାଲି ଏବଂ ଦୁର୍ଗନ୍ଧ ପାଣି ବାହାରୁଥିବାରୁ ଗାଁ ଲୋକମାନେ ବ୍ୟବହାର କରୁନାହାନ୍ତି । ତେଣୁ ଗାଁ ଲୋକଙ୍କୁ ଟ୍ୟାଙ୍କର ପାଣି ଯୋଗାଇ ଦିଆଯାଉଥିଲା। ହେଲେ ତାହା ମଧ୍ୟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ଲୋକମାନେ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । କିଛି ଉପାୟ ନପାଇ ଲୋକମାନେ ଗାଁ ପାଖ ଦେଇ ବୋହି ଯାଇଥିବା କାରୋ ନଦୀ ଉପରେ ନିର୍ଭର କରୁଛନ୍ତି । ରାତି ପାହିଲେ ପ୍ରତିଦିନ ଗାଁ ମହିଳାମାନେ ଧାଡ଼ି ହୋଇ ସଙ୍ଗବଦ୍ଧ ଭାବେ ନଦୀକୁ ପାଣି ଆଣିବା ପାଇଁ ଯାଉଛନ୍ତି । ପାଦେ ପାଦେ ଜଙ୍ଗଲ ଜନ୍ତୁଙ୍କ ଭୟ ଥିବା ସତ୍ତ୍ୱେ ଲୋକମାନେ ଜୀବନକୁ ବାଜି। ନଳକୂପ ଓ ବୋରୱେଲରୁ ଖରାପ ପାଣି ବାହାରୁଛି। ତାହା ପିଇ ହେଉନାହିଁ । ଆମର ଦୁଃଖ ଦେଖି ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ହେଲେ ଏବେ ସେହି ପାଣି ଯୋଗାଇ ଦିଆଯାଉ ନାହିଁ। ଯାହାଫଳରେ ଆମେ ନଦୀର ଅପରିଷ୍କାର ପାଣି ପିଉଛନ୍ତି । ବର୍ଷକ ବାର ମାସ ଆମେ ନଈ ପାଣି ପିଉଛୁ ବୋଲି ଗାଁର ଜଣେ ମହିଳା କହିଛନ୍ତି । ଆଉ ଜଣେ ମହିଳା କହିଛନ୍ତି, ବର୍ଷ ସାରା ଆମେ ନଈ ପାଣି ପିଉଛୁ । ସେଥିପାଇଁ ପିଲାମାନେ ସୁସ୍ଥ ହେଉଛନ୍ତିଛ କଣ କରିବୁ? ପିଇବା ପାଇଁ ପାଣି ମିଳୁନଥିବାରୁ ବାଧ ହୋଇ ନଦୀ ପାଣିକୁ ବ୍ୟବହାର କରୁଛୁ । ଏନେଇ ଆମେ ବିଡିଓଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଅଭିଯୋଗ କରିଛୁ । ହେଲେ କିଛି ଫଳ ମିଳୁନାହିଁ ବୋଲି ମହିଳା ଜଣକ କହିଛନ୍ତି ।

# ବରଗଡ଼ ଜିଲ୍ଲାରେ ୬ରୁ ଆରମ୍ଭ ହେବ ଧାନ କିଣା

ବରଗଡ଼ : ଆସନ୍ତା ମାସ ୬ ତାରିଖରୁ ରବି ଧାନ କିଣା ଜିଲ୍ଲାରେ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଅତାବିରାରେ ମେଦ ୬ରୁ, ବରଗଡ଼, ଭେଡ଼େନ, ବରପାଲି, ଭଟଲି ଏବଂ ଅମ୍ବାଭୋନା ବ୍ଲକରେ ୧୨ରୁ ଧାନ କିଣା ଆରମ୍ଭ ହେବା ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ କେବେ ଧାନ କିଣା ହେବ, ସେନେଇ ବୈଠକରେ କିଛି ନିଷ୍ପତ୍ତି ହୋଇନାହିଁ। ଚାଷୀଙ୍କ ସହମତି ପରେ ଏନେଇ ସପ୍ତାହେ ଭିତରେ ନିଷ୍ପତ୍ତି ହେବ ବୋଲି ସ୍ଥିର ହୋଇଛି । ରବି ଋତୁରେ ଟୋକନ୍ ଅବଧି ମାସେ ରହିଥାଏ । ତେଣୁ ଠିକଣା ସମୟରେ ସବୁତକ ଚାଷୀ କିଭଳି ଧାନ ବିକିବେ ତାହା ପ୍ରଶାସନ ପାଇଁ ସବୁଠୁ ବଡ଼ ଚାଲେଞ୍ଜ । ସେହିପରି କାଳବୈଶାଖୀ ଏବଂ କରକାମାଡ଼



ଭଳି ପରିସ୍ଥିତି ସାମନା ମଧ୍ୟ କରିବାକୁ ପଡ଼ିବ । ଜିଲ୍ଲାରେ କିଛି ସ୍ଥାନରେ ରବି ଧାନ ଅମଳକ୍ଷମ ଥିବାବେଳେ କିଛି ସ୍ଥାନରେ ବିଳମ୍ବ ହେବ । ତେଣୁ ଚାଷୀଙ୍କୁ ମାସେ ଟୋକନ୍ ଅବଧି ଭିତରେ ଧାନ ବିକିବାକୁ ପଡ଼ିବ । କାରଣ ଏଥର ଆଉ ଟୋକନ୍‌ର ଅବଧି ପରିବର୍ତ୍ତିତ ହୋଇପାରିବନି ବୋଲି ବୈଠକରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏଥର ଜିଲ୍ଲାରେ ୧୭୨ଟି ମଣ୍ଡି ଏବଂ କ୍ରୟକେନ୍ଦ୍ରରେ ଧାନ କିଣା ହେବ । ଏଥିରେ ୭୨ଟି ମଣ୍ଡି ଏବଂ ୧୦୦ଟି କ୍ରୟ କେନ୍ଦ୍ର ସାମିଲ ରହିଛି । ୮୪ଟି ପେକ୍ସ ଏବଂ ଏସ୍‌ଏଚ୍‌ଜି ମଧ୍ୟ ଏହି ଧାନକିଣା ପ୍ରକ୍ରିୟାରେ ସାମିଲ ହେବେ । ଅନ୍ୟପକ୍ଷରେ ମଣ୍ଡିରେ ଧାନ ସୁରକ୍ଷିତ ରଖିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଯଥାଶୀଘ୍ର ମଣ୍ଡିରୁ ଧାନ ଉଠାଇବା ବ୍ୟବସ୍ଥା ହେବ ବୋଲି ସ୍ଥିର ହୋଇଛି । ମୋଟାମୋଟି ଭାବେ ପାରମ୍ପରିକ ଭାବେ ବୈଠକ ସରିଛି। ଏଥର ପ୍ରଚଣ୍ଡ ଖରା ପାଇଁ ପାଣିପାଗ ପୂର୍ବାନୁମାନ ରହିଛି। ତେଣୁ ସକାଳ ୬ରୁ ଦିନ ୧୧ଟା ଯାଏଁ ହିଁ ଧାନ କିଣାବିକା ହେବ। ଚାଷୀଙ୍କ ପାଇଁ ପାନୀୟ ଜଳ ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

## ଶିକ୍ଷା




# Correction of Errors

Wrong : I am waiting here for three hours.
Right : I have been waiting here for three hours.
Wrong : She had known it after you informed her.
Right : She knew it after you had informed her.
Wrong : Two hundred rupees are not a big amount.
Right : Two hundred rupees is not a big amount.
Wrong : The number of students in the meeting are very poor.
Right : The number of students in the meeting is very poor.
Wrong : A number of students is writing the examination.
Right : A number of students are writing the examination.
Wrong : The house next to us belongs to a farmer.
Right : The house next to ours belongs to a farmer
Wrong : Something dangerous may happen to you.
Right : Something dangerous might happen to you.
Wrong : We need more ideal teachers.
Right : We need ideal teachers.(‘ideal’has no degrees like comparative and superlative)
Wrong : A bird at hand is worth two in the bush.
Right : A bird in hand is worth two in the bush.
Wrong : Gokul has not been doing his work yet.
Right : Gokul has not done his work yet.


# ଓଡିଶା ଷ୍ଟୋରୀ ଟେଲିଙ୍ଗ ସୋସାଇଟି ପକ୍ଷରୁ ଗଳ୍ପ କଥନ ପ୍ରତିଯୋଗତା



ଭୁବନେଶ୍ୱର: ପୂର୍ବରୁ ଦୂରଦୂରାନ୍ତ ବିଦ୍ୟାଳୟ ମାନଙ୍କରେ ଗଳ୍ପ କଥନ ପ୍ରତିଯୋଗତା କରିଆସୁଥିବା ଓଡ଼ିଶା ଷ୍ଟୋରୀ ଟେଲିଙ୍ଗ ସୋସାଇ-ଟି ପକ୍ଷରୁ ଚଳିତ ମାସ ଚାରି ତାରିଖରେ ଖଣ୍ଡଗିରି ସ୍ଥିତ ତପୋବନ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ପୁଣି ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶାନ୍ତିଲତା ସାହୁ ଅଧକ୍ଷତା କରିଥିଲେ ଓ ପ୍ରାକ୍ତନ ଓଡ଼ିଆ ଆସୋସିଏଟ ପ୍ରଫେସର ଶ୍ରୀମତୀ ପ୍ରୀତି ମଞ୍ଜରୀ ପଟନାୟକ, ଶ୍ରୀମତୀ ସସ୍ମିତା ମହାନ୍ତି ବିଚାରକ ଭାବେ କାର୍ଯ୍ୟ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ସଭାପତି ଶ୍ରୀଯୁକ୍ତ ମନୀନ୍ଦ୍ର ନାରାୟଣ ନାୟକ ସୋସାଇଟିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ମୋଟ ୨୪୦ ଜଣ ପ୍ରତିଯୋଗତାରେ ଭାଗ ନେଇଥିଲେ । ଷଷ୍ଠରୁ ଅଷ୍ଟମ ଓ ନବମ, ଦଶମ ପିଲାମାନଙ୍କୁ ନେଇ ହୋଇଥବା ଗ୍ରୁପରୁ ଶ୍ରେଷ୍ଠ ୬ ଜଣ ଛାତ୍ରଛାତ୍ରୀଙ୍କୁ  ସୋସାଇଟି ତରଫରୁ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥଲା । ଶେଷରେ ବିଚାରପତି ଶ୍ରୀମତୀ ପଟନାୟକ ଭବିଷ୍ୟତରେ ଓଡ଼ିଶାର ପ୍ରତେକ ବିଦ୍ୟାଳୟ ମାନଙ୍କରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଓଡ଼ିଶା ଷ୍ଟୋରୀ ଟେଲିଙ୍ଗ ସୋସାଇଟିର ସଭାପତିଙ୍କୁ ଓ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ସଂଖ୍ୟାରେ ଭାଗ ନେବାପାଇଁ ଉତ୍ସାହିତ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ କାଣ୍ଡେଶ୍ୱର ଗ୍ରାମବାସୀ

ନବରଙ୍ଗପୁର: ବର୍ଷ ବର୍ଷ ଧରି ନିଜର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଝରିଗାଁ ପଞ୍ଚାୟତର କାଣ୍ଡେଶ୍ୱର ଗ୍ରାମବାସୀ । କାଣ୍ଡେଶ୍ୱର ଗାଁ ଝରିଗାଁ ବ୍ଲକ୍ ସଦର ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ରହିଥିବା ଥିବା ବେଳେ ୪୦ ପରିବାରର ପ୍ରାୟ ୨୫୦ ଲୋକ ବସବାସ କରୁଛନ୍ତି । କାଣ୍ଡେଶ୍ୱର ଗାଁରେ ଦୀର୍ଘ ୫୦ ବର୍ଷ ରୁ ଅଧିକ ଦିନ ହେବ ବସ ବାସ କରୁଥିଲେ ମଧ ଏପର୍ଯ୍ୟନ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ,ପାନୀୟ ଜଳ ଭଳି ମୌଳିକ ସୁଧା ନାହିଁ । ଗାଁ ରେ ପ୍ରାୟ ୨୫୦ ଲୋକଙ୍କ ପାଇଁ ରହିଛି ଗୋଟିଏ ନଳକୂପ । ଅନ୍ୟପଟେ ଗାଁ ନିକଟରେ କୌଣସି ପୋଖରୀ, ନଦୀ, ନାଳ ନଥିବାରୁ ଗୋଟିଏ ନଳକୂପରୁ ହିଁ ପାନୀୟ ଜଳରୁ ଆରମ୍ଭ କରି ଗାଧେଇବା ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡୁଛି । ପାଣି ପାଇଁ ଗାଁ ର ମହିଳାମାନେ ସକାଳ ୪ଟାରେ ଲାଇନ ଲଗାଇ ପାଣି ନେଉଥିବା ବେଳେ ନିଜ ନିଜ ଭିତରେ କଳହ ମଧ ହୋଇତାଏ ବୋଲି କହିଛନ୍ତି ।



ତେବେ ବର୍ଷା ଋତୁରେ ଏଣେତେଣେ ଚାଲିକି ଯାଉଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ଅଳ୍ପ ପରିମାଣରେ ବାହାରୁ ଥିବା ଯୋଗୁଁ ସମସ୍ୟା ଆହୁରି ବଢ଼ିଯାଉଛି । ଯଦି ନଳକୂପ ଖରାପ ହୋଇଯାଏ ତେବେ ପଡ଼ୋଶୀ ଗାଁର ୨ କିଲୋମିଟରକୁ ଯିବାକୁ ପଡ଼ିଥାଏ ବୋଲି ଗାଁ ର ମହିଳା କହିଛନ୍ତି । ଗାଁ ଲୋକେ ଏ ପର୍ଯ୍ୟନ୍ତ ବିଜୁଳି କଣ ଦେଖିନାହାନ୍ତି। ଅନ୍ଧାର ରାତିରେ ଜୀବନ ବିତାଉଛନ୍ତି। ବିଜୁଳି ନଥିବା ଯୋଗୁଁ ଖର୍ଚ୍ଚାନ୍ତ ହୋଇ କେତେକ ପରିବାର ସୋଲାର ଲାଇଟ ଲଗାଇ ଜୀବନ କାଟୁଥିବା ବେଳେ ଅତି ଗରିବ ଶ୍ରେଣୀ ଲୋକେ ଅନ୍ଧାର ରାତିରେ ଜୀବନ କାଟୁଛନ୍ତି । ଗାଁ ରେ ଛୋଟ ଛୋଟ ପିଲାଙ୍କ ଶିକ୍ଷା ପାଇଁ ନା ରହିଛି ବିଦ୍ୟାଳୟ ନାଁ ରହିଛି ଅଙ୍ଗନୱାଡି କେନ୍ଦ୍ର । ପ୍ରାଥମିକ ଶିକ୍ଷା ପାଇଁ ପିଲାମାନେ ୩ କିଲୋମିଟର ଦୂର ହାତୀବାଡ଼ି ସ୍କୁଲକୁ ଯିବାକୁ ପଡୁଥିବା ଯୋଗୁଁ ଗାଁର ଅନେକ ପିଲାମାନେ ଦୂରତା ଯୋଗୁଁ ଯାଇ ପାରନ୍ତି ନାହିଁ ଯାହାଫଳରେ ଛାତ୍ରଛାତ୍ରୀମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏବଂ ଶିଶୁ ଗର୍ବିତ ମହିଳା ଏବଂ ପ୍ରସୂତି ମହିଳାଙ୍କ ନିମନ୍ତେ ସରକାର ଯୋଗେଇ ଦେଉଥିବା ପୁଷ୍ଟିକର ଖାଦ୍ୟ ମଧ ଠିକ ଭାବେ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀ ସମସ୍ୟା ବିଷୟ ନେଇ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନଥିବା କହିଛନ୍ତି । ତେବେ ଏହି ବିଷୟରେ ଝରିଗାଁ ପଞ୍ଚାୟତ ସରପଞ୍ଚ ଯୋଗେଶ୍ୱର ପୂଜାରୀଙ୍କୁ ପଚାରିବାରୁ ସେ ପାନୀୟ ଜଳ ପାଇଁ ନଳକୂପ ଗୋଟିଏ ଯୋଗାଇ ଦେବା ସହ ଅନ୍ୟ ସମସ୍ୟା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

# ଦୁଃଖୀଙ୍କ ସମସ୍ୟା ବୁଝି ତାର ସମାଧାନ କଲେ  ଜିଲ୍ଲାପାଳ

ବୌଦ୍ଧ: ବୌଦ୍ଧ ଜିଲ୍ଲାରେ ଜିଲ୍ଲାପାଳ ଭାବରେ ସତ୍ୟରଞ୍ଜନ ସାହୁ ଯୋଗଦେବାପରେ ଅଭିଯୋଗ ଶୁଣାଣି ଓ ଲୋକଙ୍କ ସମସ୍ୟା ସମାଧାନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ଜିଲ୍ଲାପାଳଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରତିଦିନ ଦୂର ଦୂରାନ୍ତରୁ ବହୁ ସଂଖ୍ୟାରେ ଗରିବ ଓ ଅସହାୟ ଲୋକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ସମସ୍ୟା ଜଣାଉଛନ୍ତି ।  ଜିଲ୍ଲାପାଳ ମଧ ଲୋକଙ୍କ ସମସ୍ୟାଗୁଡିକୁ ଗୁରୁତ୍ୱ ଦେଇ ତାହାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ଏହି ମର୍ମରେ ୭ ଜଣ ବ୍ୟକ୍ତି ନିଜର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତୁରନ୍ତ ୭ ଜଣଙ୍କ ମାମଲା ସମାଧାନ କରାଯାଇଛି । ଏଥି ମଧରେ ହରଭଙ୍ଗା ବ୍ଲକ୍ ଟଙ୍ଗରପଡା ଗ୍ରାମର ସ୍ୱାମୀପରିତ୍ୟକ୍ତା ଉମା କହଁରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସେହିପରି ହରଭଙ୍ଗା ବ୍ଲକ୍‌ର ବାମଣ୍ଡା ଗ୍ରାମର ପାରାଲିଶ ରୋଗରେ ପିଡୀତଥିବା ବେଳେ ତାଙ୍କ ଝିଅ ମଧ ଭିନ୍ନକ୍ଷମ ହୋଇ ଥିବାରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । କନ୍ଧମାଳ ବ୍ଲକ ଦପଲା ଗ୍ରାମର ରାଜକୁମାର ନାଏକଙ୍କୁ ତାଙ୍କର ଘର ମରାମତି ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା  । ବହିରା ଗ୍ରାମର ବିଧବା ମହିଳା ଝରଣା ଉର୍ମାଙ୍କୁ ବିଧବା ଭତ୍ତା ପ୍ରଦାନ ସହିତ ତାଙ୍କ ଝିଅକୁ ଶ୍ରବଣ ଯନ୍ତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଓ ଉଚ୍ଚ ଶିକ୍ଷା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ ଓ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ ପାଇଁ ଜିଲା ସମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।  ବୌଦ୍ଧ ଜେଲରେ ଆତ୍ମହତ୍ୟା କରିଥିବା ବନ୍ଦୀଙ୍କ ପିତା ବାଉଁଶୁଣୀର ବୃନ୍ଦାବନ ମେହେରଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଲୁଣ୍ଠୁରିଜୋର ଗ୍ରାମର ଉଷା ଦିଗାଲଙ୍କୁ ଜୀବିକା ନିର୍ବାହ ପାଇଁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା  ସହାୟତା ପ୍ରଦାନ କରାଯାଇଥିବାବେଳେ ଡାଙ୍ଗପଡା ଗ୍ରାମର ସନ୍ତୋଷ ବାରିକଙ୍କ ଏକମାତ୍ର ପୁଅ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବାରୁ ଅନୁକମ୍ପାମୂଳକ ସହାୟତା ଭାବରେ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କାହାର ହେବ...

ହୋଇଥିଲେ । ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଓହ୍ଲାଇଛନ୍ତି ମଇଦାନକୁ । ପୁଣି ମୁଣ୍ଡ ଉପରେ ରହିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶିବାଦ। ତେଣୁ ୩ ଦଳ ମଧ୍ୟରେ ସବୁଠୁ ଆଗରେ ବିଜେଡି ରହିଛି । ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟ ଝାରସୁଗୁଡା ଉପନିର୍ବାଚନର ଗୁରୁତ୍ୱ ବଢାଇ ଦେଇଛି। ଧର୍ମେନ୍ଦ୍ର କହିଛନ୍ତି ଯେ ଟଙ୍କଧର ତ୍ରିପାଠୀ ହେଉଛନ୍ତି ଦଳର ଜଣେ ଭଲ ସଂଗଠକ । ଲଢୁଆ ଯୁବ ନେତା। ଝାରସୁଗୁଡା ଉପ ନିର୍ବାଚନ କାହିଁ କି ହେଲା? ଏହା  ପ୍ରସଙ୍ଗ ହେବ। ସେହିପରି କଂଗ୍ରେସ ପ୍ରାର୍ଥୀ ମଧ ମା ମାଟି ପ୍ରସଙ୍ଗ ସହ କଂଗ୍ରେସ ବେଳେ ହୋଇଥିବା ବିକାଶକୁ ଆୟୁଧ କରି ଲଢେଇ କରିବେ ବୋଲି ସଂକେତ ଦେଇଛନ୍ତି। ବିଜେପିର ପ୍ରାର୍ଥୀ ହେଲେ ଟଙ୍କଧର ତ୍ରିପାଠୀ । ବିଜୁ ଜନତା ଦଳ ସରକାରର ୨୩ବର୍ଷର ଅପାରଗ ଶାସନକୁ ନେଇ ଲୋକଙ୍କ ପାଖକୁ ଯିବ ଦଳ ବୋଲି ଧର୍ମେନ୍ଦ୍ର କହିଛନ୍ତି । କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ହେଉଛନ୍ତି ପୂର୍ବତନ ବିଧାୟକ ବୀରେନ ପାଣ୍ଡେଙ୍କ ପୁଅ। ତିନି ତନି ଥର ବିଧାୟକ ଥିବା ବୀରେନ୍ଦ୍ର ପାଣ୍ଡେଙ୍କର ମଧ ମାର୍ଚ୍ଚ ୧୯ରେ ପରଲୋକ ଘଟିଛି। ବିରେନଙ୍କ ସମୟରେ ହିଁ ଝାରସୁଗୁଡାର ପ୍ରକୃତ ବିକାଶ ହୋଇଛି। ତେଣୁ ବାପାଙ୍କ ଲିଗାସିଙ୍କୁ ସାମନାକୁ ଆଣିବାକୁ ଚେଷ୍ଟା କରୁଛନ୍ତି ପୁଅ ତରୁଣ ପାଣ୍ଡେ। ତେଣୁ କଂଗ୍ରେସକୁ ଅନୁକମ୍ପା ଭୋଟ ମିଳିବାର ସମ୍ଭବନା ଥିବା ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

### ରାଜ୍ୟ ସରକାରଙ୍କୁ...

ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଦେଖାଇ କହିଛନ୍ତି ବେଦାନ୍ତ ପ୍ରତି ଅହେତୁକ ଅନୁକମ୍ପା ଦେଖାଇଛନ୍ତି ରାଜ୍ୟ ସରକାର । ଏମିତିକି କମ୍ପାନୀ ସହ ମିଶି ସରକାର ଚାଷୀଙ୍କ ଜମି ହଡ଼ପ କରିବାକୁ ଷଡଯନ୍ତ୍ର କରିଥିବା ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ମଧ ସାମ୍ବାଦିକ ସମ୍ମିଳନୀ କରି ପ୍ରଶ୍ନ କରିଛି କେଉଁ ସ୍ୱାର୍ଥ ପାଇଁ ସରକାର ବେଦାନ୍ତକୁ ଏଭଳି ଅହେତୁକ ଅନୁକମ୍ପା ଦେଖାଉଥିଲେ? ସୁପ୍ରିମ୍‌କୋର୍ଟରେ କୌଣସି ସରକାର ଏମିତି ଅପଦସ୍ଥ ହୋଇନଥିଲେ। ତେଣୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ଦଳ । ନହେଲେ ୧୫ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ କରିବ କଂଗ୍ରେସ । ସେହିପରି ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି, ମନମୋହନ ସାମଲ ରାଜ୍ୟ ବିଜେପିର ସଭାପତି ହେବା ନେଇ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅସନ୍ତୁଷ୍ଟ ଥିବା କଥା ଯାହା ଶୁଣାଯାଉଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି । ସମ୍ବିତ ପାତ୍ର ତାଙ୍କ ଦଳର ରାଜ୍ୟ ସଭାପତିଙ୍କୁ କାଠଗଡାରେ ଛିଡା କରାଇଛନ୍ତ । କାରଣ ବେଦାନ୍ତକୁ ବିଶ୍ୱବିଦ୍ୟାଳୟ ପାଇଁ ଜମି ପ୍ରଦାନ ସମୟରେ ମନମୋହନ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଥିଲେ । କେବଳ ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟର ପରିକଳ୍ପନା ବେଳେ ତତ୍କାଳୀନ ଶିକ୍ଷା ମନ୍ତ୍ରୀ ସମୀର ଦେ କରିଥିଲେ । ସେ ମଧ ବିଜେପିର ବରିଷ୍ଠ ନେତା ଥିଲେ । ଏହି ଜମି ହସ୍ତାନ୍ତରକୁ ନେଇ ସେତେବେଳର ରାଜସ୍ୱ ମନ୍ତ୍ରୀ ମନମୋହନ ବିଧାନସଭାରେ ଏହାକୁ ଦୃଢଭାବେ ସମର୍ଥନ କରିଥିଲେ ବୋଲି କହିଥିଲେ ।

### ଜଳୁଛି ଓଡ଼ିଶା...

ଅସ୍ତବ୍ୟସ୍ତ କରିଦେଇଛି । ଗୋଟେପଟେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନ୍ୟପଟେ ରାଜ୍ୟବ୍ୟାପୀ ଉତ୍କଟ ପାଣି ସମସ୍ୟା । ଖୋର୍ଦ୍ଧା ବାଲିପାଟଣା ବ୍ଲକ୍ କରୁଞ୍ଜିପୁର ପଞ୍ଚାୟତରେଗ୍ରୀଷ୍ମ ଆରମ୍ଭରୁ ଘାଷି ଅନ୍ଧୁଟି ଗାଁ ଲୋକଙ୍କୁ କଲବଲ କଲାଣି ଜଳକଷ୍ଟ । ଦୁଇ ବର୍ଷ ତଳେ ପଞ୍ଚାୟତବାସୀଙ୍କ ପାଇଁ ହୋଇଥିବା ଓଭର ହେଡ୍ ଟାଙ୍କି ପ୍ରକଳ୍ପ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇଛି । ଗାଁରେ କୂଅ-ପୋଖରୀ ଓ ନଦୀ-ନାଳ ସବୁ ସୁଖିଲା । ଖରାଦିନ ଆସିବା ପରେ ନଳକୂଅ ବି ପିଇବା ପାଣିର ଆବଶ୍ୟକତା ପୂରଣ କରିପାରୁନି । ସମ୍ବଲପୁର ରେଢାଖୋଲ ବ୍ଲକ ଭରତାପୁର ପଞ୍ଚାୟତରର ଅବସ୍ଥା ମଧ ସମାନ । ଏ ପଞ୍ଚାୟତର ଚୁଡ଼ାପୁଡୁଗ ଗାଁରେ ୪୦ ପରିବାରରୁ ପାନୀୟ ଜଳ ଯୋଗାଇ ଦେବାକୁ ଆଜିକୁ ୮ ବର୍ଷ ତଳୁ ନିର୍ମାଣ ଆରମ୍ଭ ହୋଇଥିଲା ଏ ପାଣି ଟାଙ୍କି । କିନ୍ତୁ ଏବେ ଯାଏଁ ଶେଷ ହେଉନଥିବାରୁ ଗାଁ ଲୋକେ ଆଜି ବି ଚୁଆ ପାଣିକୁ ଭରସା କରୁଛନ୍ତି। ପାଣି ଗରାଟେ ପାଇଁ ଚୁଆ ପାଖରେ ଗାଁ ସାରା ମହିଳାଙ୍କ ଭିଡ଼ । ଗାଁରେ ଥିବା ଗୋଟିଏ ମାତ୍ର ନଳକୂଅରୁ ପିଇବା ଉପଯୋଗୀ ପାଣି ବାହାରୁନଥିବାରୁ ବର୍ଷ ବର୍ଷ ଧରି ଜଳକଷ୍ଟରେ ସଢୁଛନ୍ତି ଲୋକେ ।



କୃଷିର ପର୍ବ ଅକ୍ଷୟ ତୃତୀୟା। ଏହିଦିନଟି ଓଡିଶାର ସଂସ୍କୃତି ସହିତ ମଧ୍ୟ ଓତଃପ୍ରୋତ ଭାବେ ଜଡିତ । ଜଗନ୍ନାଥ ସଂସ୍କୃତିରେ ଏହାର ଅନେକ ଉଦାହରଣ ରହିଛି । ତେବେ ଏହା କିପରି ଜଗନ୍ନାଥ ସଂସ୍କୃତିରେ ରହିଛି ଆସନ୍ତୁ ଜାଣିବା।

## ଅକ୍ଷିମୁଠି ଅନୁକୂଳର ପର୍ବ

# ଅକ୍ଷୟ ତୃତୀୟା

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା ଭାବେ ପାଳନ କରାଯାଏ । ଏହା ମୁଖ୍ୟତଃ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଓଡ଼ିଶାର ପୂରପଲ୍ଲୀରେ କୃଷକମାନେ ଏହାକୁ ବେଶ୍ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥାନ୍ତି । ଏହିଦିନ କୃଷକମାନେ ଭଲ ତିଥି ଓ ସମୟ ଯୋଗ ଦେଖି ଅକ୍ଷିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ, ବିହନଭରା ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂଆ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଲଗାଇ ସେହି ଭୋଗକୁ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଯାଇ ଓ ମୁଠାମୁଠା ବିହନ କିଆରୀରେ ବୁଣାଯାଏ, ଯାହାକୁ ଅକ୍ଷିମୁଠି ବୋଲି କୁହାଯାଏ ।

ଗଙ୍ଗା ମଧ୍ୟ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି ମଧ୍ୟ କିମ୍ବଦନ୍ତୀ କୁହେ । ସଧବା ସ୍ତ୍ରୀମାନେ ଏହିଦିନ ଷଠିଦେବୀଙ୍କ ପୂଜା କରିଥାନ୍ତି ଏହି ତଥିରେ ଶ୍ରୀଜୀଉମାନଙ୍କର ରଥର୍ନିମାଣ ପାଇଁ ଅନୁକୂଳ କରାଯାଏ ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢି ଲଗା ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥର୍ନିମାଣର ଶୁଭାରମ୍ଭ କରିଥାନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନ ଠାକୁର ସହ ପଟୁଆରରେ ରଥଖଳାକୁ ଆସିଥାଏ। ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି ଶ୍ରୀମନ୍ଦିର ପ୍ରଶାସନ ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବନଜାଗ ପୂଜା ସମ୍ପାଦନା କରିଥାନ୍ତି । ରୂପକାର, କମାଳ ଚିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ିବନ୍ଧା ନ ପାଳିତ ହୁଏ। ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥ ର୍ନିମାଣ କରାଯାଏ । ଏହିଦିନ ଜଳଦାନ କଲେ ଅଶେଷ ପୁଣ୍ୟଫଳ ମିଳେ । ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ହିନ୍ଦୁ ଧର୍ମରେ ଅକ୍ଷୟ ତୃତୀୟା ଅତ୍ୟନ୍ତ ଶୁଭ ଦିନ ହୋଇଥାଏ । ଏହି ଦିନ ଦେବୀ ଉପାସନା କରିବା ଉଚିତ୍। ଅକ୍ଷୟ ତୃତୀୟା କୃଷକ ସମାଜ ପାଇଁ ଏକ ମହାନ ପର୍ବ । ଏହି ପବିତ୍ର ଦିନକୁ ରାଜ୍ୟ ସରକାର କୃଷକ ଦିବସଦ ଭାବେ ଘୋଷଣା କରିଛନ୍ତି । କୃଷି ଓ କୃଷକଙ୍କୁ ଉପଯୁକ୍ତ ସମ୍ମାନ ଦେବା ତଥା ସମସ୍ତ ଚାଷୀ ଭାଇମାନଙ୍କୁ ଉତ୍ସାହିତ କରିବା ହେଉଛି କୃଷକ ଦିବସଦ ପାଳନର ମୂଳ ଉଦେଶ୍ୟ।

ସଧବା ସ୍ତ୍ରୀମାନେ ଏ ଦିନ ଷଠିଦେବୀଦଙ୍କ ପୂଜା କରନ୍ତି। ଅକ୍ଷୟ ତୃତୀୟା ତିଥି ଅତ୍ୟନ୍ତ ଶୁଭଦାୟକ ହୋଇଥିବାରୁ, ପ୍ରାୟତଃ ଏହି ଦିନ ଗୃହର୍ନିମାଣ, ର୍ନିବନ୍ଧ, ବିବାହ, ଉପନୟନ ଆଦି ଶୁଭ କର୍ମମାନ ଅନୁଷ୍ଠିତ ହୁଏ। ପୌରାଣିକ ଦୃଷ୍ଟିକୋଣରୁ ଏ ଦିନର ମହତ୍ୱ ଯଥେଷ୍ଟ ଅଧିକ। ଏହି ଦିନକୁ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି । ଅକ୍ଷୟ ତୃତୀୟାରେ ଋଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରିଦିଅନ୍ତି ବୋଲି ବିଶ୍ୱାସ ରହିଛି।

ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ଏହି ଦିନକୁ ପାଳନ କରାଯାଏ । ଗୀତଗୋବିନ୍ଦର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ । ବଦ୍ରି-ନାରାୟଣ କବାଟ ଏହି ଦିନ ଖୋଲିଥାଏ। ମାଆ

- ଅକ୍ଷୟ ତୃତୀୟା ଦିନ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ ଏକତ୍ର ପୂଜା କରନ୍ତୁ, ଏହା କରିବା ଦ୍ୱାରା ଜୀବନରେ ବହୁତ ସୁଖ ଏବଂ ସମୃଦ୍ଧତା ରହିବ।
- ଏହି ଦିନ କିଛି ନା କିଛି କିଣାକିଣି କରୁନ୍ତୁ। କେବଳ ସୁନା ଓ ରୂପା କିଣିବା ଆବଶ୍ୟକ ନୁହେଁ। ଆପଣ ମାଟିପାତ୍ର ମଧ୍ୟ କିଣିପାରିବେ ।
- ଧନର ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅକ୍ଷୟ ତୃତୀୟା ଦିନ ଦାନ କରନ୍ତୁ । ଏହି ଦିନ ଦିଆଯାଇଥିବା ଦାନ ଅଧିକ ଫଳାଫଳ ଦେଇଥାଏ।
- ପୂଜାପାଠ ସ୍ଥାନରେ ଗୋଟିଏ ନଡ଼ିଆ ରଖନ୍ତୁ । ଏହାଦ୍ୱାରା ଖୁବ୍ ଶୀଘ୍ର ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିବ।
- ଯଦି ଏହି ଦିନ ଜଣେ ଗରିବ ଝିଅ ବିବାହ କରୁଛି, ତେବେ ତୁମର ସାମର୍ଥ୍ୟ ଅନୁଯାୟୀ ତାଙ୍କୁ ଉପହାର ଦିଅ । ଯାହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ଆପଣଙ୍କ ଉପରେ ରହିବ ।



**ରଥ କାଠ ଅନୁକୂଳ:** ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥର୍ନିମାଣ ପାଇଁ କାଠ ଅନୁକୂଳ କରାଯାଏ। ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥର୍ନିମାଣର ଶୁଭାରମ୍ଭ କରିଥାନ୍ତି। ତିନି ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନ ଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ସ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳନ କରାଯାଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅନୁସାରେ ରଥର୍ନିମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥିବା ବେଳେ ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି ରହିଛି ।

**ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା:** ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଏହା ସହିତ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ୍ୟ ଚନ୍ଦନ ଯାତ୍ରା ପାଳନ କରାଯାଏ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ବା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ । ବାହାର ଚନ୍ଦନରେ ରାମ, କୃଷ୍ଣ, ମଦନମୋହନ ଓ ଶ୍ରୀଦେବୀ-ଭୂଦେବୀ ଜଳକ୍ରୀଡା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିଥାନ୍ତି । ଶ୍ରୀଜଗନ୍ନାଥଙ୍କର ଏହି ମାସର ନାମ ମଧୁସୂଦନଦ ବୋଲି କୁହାଯାଏ । ଚାପରେ ଶ୍ରୀମଧୁସୂଦନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି ।

## ଶ୍ରୀ ମନ୍ଦିରରେ ଅକ୍ଷୟ ତୃତୀୟା

**ଆଉ କଣ ହୁଏ:**

-ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ବଳରାମଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୁଏ ।- ପର୍ଶୁରାମ ଓ ଜୟଦେବଙ୍କ ଜୟନ୍ତୀ ପାଳନ ହୁଏ ।

- ବଦ୍ରୀନାଥ ଧାମ ଏହି ଦିନ ଖୋଲାଯିବା ବିଧି ରହିଛି ।
- ସତ୍ୟ ଓ ତ୍ରେତୟା ଯୁଗର ଆରମ୍ଭ ଏହି ଦିନ ଆରମ୍ଭ ହୋଇଥିଲା ।
- ସମ୍ବଲପୁରରେ ଶୀତଳଶଷ୍ଠୀ ଯାତ୍ରାର ଶୁଭାରମ୍ଭ ହୁଏ ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ